

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୧ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 JUNE 2021

Vol.No. 32 ■ No. 155 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆଜିଠୁ ଦୈନିକ ୩ ଲକ୍ଷ ଟିକାକରଣ ଲକ୍ଷ୍ୟ

ଭୁବନେଶ୍ୱର,୨୦/୦୬ (ନି.ପ୍ର): ଆସନ୍ତାକାଲିଠୁ (ସୋମବାର)ସାରା ରାଜ୍ୟରେ କ୍ୟାମ୍ପେନ୍ ମୋଡ୍ ରେ ହେବ ଟିକାକରଣ । କେନ୍ଦ୍ର ସରକାରଙ୍କ ନୂଆ ଟିକାକରଣ ନୀତି ଅନୁଯାୟୀ ଟିକାକରଣକୁ ତ୍ୱରାନ୍ୱିତ କରାଯିବ। ପୂର୍ବରୁ ରାଜ୍ୟରେ ଦୈନିକ ଦେଢ଼ ଲକ୍ଷ ଲୋକଙ୍କୁ ଟିକାକାରଣ କରାଯାଉଥିବା ବେଳେ ଏଣିକି ପ୍ରତିଦିନ ୩ ଲକ୍ଷ ଟିକାକରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଉଭୟ କେନ୍ଦ୍ର ପଠାଇଥିବା ଓ ରାଜ୍ୟ କିଣିଥିବା ଟିକା ଲୋକଙ୍କୁ ଦିଆଯିବ। ଟିକାକରଣ ପାଇଁ ପ୍ରତି ବ୍ଲକ ଓ ଏନ୍ଏସିରେ ୫ ଟି ଲେଖାଏଁ ସେସନ୍ କରାଯିବ। ପୌରପରିଷଦରେ ୧୦ଟି ଓ ମହାନଗର ନିଗମରେ ୨୦ଟି ସେସନ୍ କରାଯିବ । ଏନେଇ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଓ ସିଡିଏମଓମାନଙ୍କୁ ଚିଠି କରାଯାଇଛି। ସୁବିଧା ଅନୁସାରେ ଟିକାକରଣ ପାଇଁ ଅନ୍‌ଲାଇନ୍ ବା ଅଫ୍‌ଲାଇନ୍ ରେ ପଞ୍ଜିକରଣ କରିବାକୁ ଜିଲ୍ଲାଗୁଡ଼ିକୁ କୁହାଯାଇଛି। ସେହିପରି ଟିକାର ଦ୍ୱିତୀୟ ଡୋଜ୍ ନେବାକୁ ଥିବା ଲୋକେ ଯେପରି ଠିକ୍ ସମୟରେ ଟିକା ନେଇପାରିବେ, ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଚିଠିରେ ଉଲ୍ଲେଖ ଥିବା ତଥ୍ୟ ଅନୁଯାୟୀ, ଗତ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ୯୩.୭୩ ଲକ୍ଷ ଡୋଜ୍ ଟିକା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୧୭.୯୭ ଲକ୍ଷ ଡବଲ ଡୋଜ୍ ଟିକା ନେଇ ସାରିଛନ୍ତି। ୧୮ ବର୍ଷ ତଥା ତା'ଠୁ ଅଧିକ ବୟସର ୩.୦୯ କୋଟି ରାଜ୍ୟବାସୀଙ୍କୁ ୬.୧୮ ଡୋଜ୍ କୋଟି ଟିକା ଦେବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏବେ ରାଜ୍ୟରେ ଦୈନିକ ଦେଢ଼ ଲକ୍ଷରୁ କମ୍ ଟିକା ଦିଆଯାଉଛି। ଆସନ୍ତାକାଲି ଠାରୁ ୩ ଲକ୍ଷ ଟାର୍ଗେଟ୍ ପୂରଣ କରିବାକୁ ଯୋଜନାବଦ୍ଧ ଭାବେ ଟିକାକରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗତ ୨୪ ଘଣ୍ଟାରେ ୩,୫୭୭ ନୂଆ ଆକ୍ରାନ୍ତ ଚିହ୍ନଟ, ୪୦ ମୃତ

ଭୁବନେଶ୍ୱର,୨୦/୦୬(ନି.ପ୍ର): ଗତ ୨୪ଘଣ୍ଟାରେ ରାଜ୍ୟରେ ୩ ହଜାର ୫୭୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସଂଗରୋଧରୁ ୨ ହଜାର ୩୯ଜଣଙ୍କ ଥିବା ବେଳେ ସ୍ଥାନୀୟ ସଂକ୍ରମିତ ଅଛନ୍ତି ୧ ହଜାର ୫୩୮ଜଣ । ସେହିପରି ଗୋଟିଏ ଦିନରେ ୪୦ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି । ଖୋର୍ଦ୍ଧା ଜିଲ୍ଲାରୁ ୫୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କଟକରୁ ୪୦୭, ଯାଜପୁରରୁ ୩୩୭, ପୁରୀରୁ ୨୩୭, ବାଲେଶ୍ୱରରୁ ୨୦୫, ଭଦ୍ରକ ୧୮୬ଜଣ । ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୮ଲକ୍ଷ ୭୭ ହଜାର ୫୦୨ । ସେଥିରୁ ସୁସ୍ଥ ହୋଇଛନ୍ତି ୮ଲକ୍ଷ ୩୫ ହଜାର ୧୩୨ଜଣ । ସକ୍ରିୟ ଅଛନ୍ତି ୩୮ ହଜାର ୭୨୭ ଜଣ । ୬୬ ହଜାର ୩୮୨ ନମୁନା ପରୀକ୍ଷା ହୋଇଥିବା ବେଳେ ପଜିଟିଭ ହାର ୫ଦଶମିକ ୩୮ ପ୍ରତିଶତ ରହିଛି ।

ପୋଲିସ ଏନକାଉଣ୍ଟରରେ ୨ ନକ୍ସଲ ନିହତ

ଛତିଶଗଡ,୨୦/୦୬(ନି.ପ୍ର): ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ପୁଲିସ ଏନକାଉଣ୍ଟରରେ ୨ ଜଣ ନକ୍ସଲଙ୍କର ମୃତ୍ୟୁ ହୋଇଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି । ବିଶେଷ ସୂତ୍ରରୁ ଖବର ପାଇ ନାରାୟଣପୁରର ଡିଆରଜି ଯବାନ ଅରଛୁ ଅଂଚଳର ଇତୁଲ, ଗୋରବାୟା, ଭାଟବେଡା, ବଡ ଟୋଣ୍ଟାବେଡା ଏବଂ ଆଦେର ଜଂଗଲରେ ଚଢାଉ କରିଥିଲେ । ଆଜି ସକାଳ ୯ଟା ବେଳେ ଯବାନ ମାଓ କ୍ୟାମ୍ପ ନିକଟରେ ପହଞ୍ଚିବା ପରେ ମାଓବାଦୀ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ । ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗୁଳି ବିନିମୟ ଘଟିଥିଲା । ଏହି ଗୁଳିବିନିମୟ ପରେ ଯବାନ ଘଟଣାସ୍ଥଳର ସର୍ଚ୍ଚ ଅପରେସନ କରୁଥିବା ବେଳେ ୨ ଜଣ ମାଓବାଦୀଙ୍କ ଶବକୁ ଉଦ୍ଧାର କରିଛି । ଏଥିସହ ବନ୍ଧୁକ ସହ ବହୁ ମାତ୍ରାରେ ବିସ୍ଫୋରକ ଜବତ କରିଛି ।

ଅନାଥ ଶିଶୁଙ୍କ ପାଇଁ ଆସିଲା ଆଶୀର୍ବାଦ ଯୋଜନା

ବାପା ଓ ମା'ଙ୍କୁ ହରାଇଥିଲେ ମିଳିବ ମାସିକ ୨୫୦୦ ଟଙ୍କା

ଭୁବନେଶ୍ୱର,୨୦/୦୬(ନି.ପ୍ର): ଅନାଥ ଶିଶୁଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ ଘୋଷଣା । ଅନାଥ ଶିଶୁଙ୍କ ପାଇଁ ଆଶୀର୍ବାଦ ଯୋଜନା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାପା, ମା' ବା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଶୁଶୁଙ୍କ ପାଇଁ ନବୀନ ଏହି ଆଶୀର୍ବାଦ ଯୋଜନା ଘୋଷଣା କରିଛନ୍ତି । ଗତ ଏପ୍ରିଲ ୨୦୨୦ ପରେ ବାପା, ମା'ଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ଏହି ଯୋଜନା ଆଣିଛନ୍ତି ନବୀନ । ଉଭୟ ବାପା, ମା, କିମ୍ବା ସିଙ୍ଗଲ ପ୍ୟାରେଣ୍ଟଙ୍କୁ ହରାଇଥିବା ଶିଶୁଙ୍କୁ ମାସିକ ୨୫୦୦ ଟଙ୍କା । କେବଳ ମୁଖ୍ୟ ଉପାର୍ଜନକାରୀ ବାପା ବା ମା' ଜଣକୁ ହରାଇଥିବା ପିଲାଙ୍କୁ ମାସିକ ୧୫୦୦ ଟଙ୍କା ମିଳିବ । ଜଣେ ବି ଅସହାୟ ଶିଶୁ ଯେପରି ଏହି ଯୋଜନାରୁ ବାଦ ନ ପଡନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ୧୮ ବର୍ଷ ଯାଏଁ ଶିଶୁଙ୍କ ଆକାଉଣ୍ଟରେ ଏହି ଟଙ୍କା ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଆଶୀର୍ବାଦ ଯୋଜନାରେ ଏହି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲମାନେ ସେମାନଙ୍କ ପରିବାର ଓ ଆତ୍ମୀୟ ସ୍ୱଜନ ମାନଙ୍କ ଗହଣରେ ହିଁ ରହିବେ ଏବଂ ସେମାନଙ୍କ ଦାୟିତ୍ୱ ନେଉଥିବା ଅଭିଭାବକ ମାନେ ଯେପରି ଠିକ୍ ଭାବରେ ଏ ପିଲାଙ୍କ ଯତ୍ନ ନେଇପାରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପିଲାକୁ ୧୮ ବର୍ଷ ପୂର୍ବରୁ ଯଦି କେହି ତାଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରନ୍ତି ▶▶ପୃଷ୍ଠା ୭

ଓଡିଆ ପୁଅ ପାଇଁ ଦିଲ୍ଲୀରୁ ସହାୟତା ମାଗୁଛି ସ୍ତ୍ରୀ

ଭୁବନେଶ୍ୱର,୨୦/୦୬(ନି.ପ୍ର): ସ୍ୱାମୀର ଜୀବନ ବଞ୍ଚାଇବା ପାଇଁ ଗୁହାରୀ କରୁଛି ସ୍ତ୍ରୀ... । ଦିଲ୍ଲୀରୁ ନିଜର ସିନ୍ଦୁରକୁ ନୂଆ ଜୀବନ ଦେବାକୁ ସହାୟତା ଲୋଡୁଛନ୍ତି ଓଡ଼ିଆ ବୋହୂ ନିକିତା । ମନୋଜ ନାୟକ ଏବେ ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଗତ ଜୁନ ୮ତାରିଖରେ ମନୋଜଙ୍କର ଜନ୍ମଦିନ ଥିଲା । ଜନ୍ମଦିନକୁ ବେଶ୍ ଧୁମଧାମରେ ପାଳନ କରିବା ପାଇଁ ଭାବିଥିଲେ ଉଭୟ ସ୍ୱାମୀ ସ୍ତ୍ରୀ । କିନ୍ତୁ କରୋନା ସବୁ ଆଶାକୁ ପାଣିରେ ମିଳାଇ ଦେଇଛି । ଜନ୍ମଦିନ ପାଳିବା ବଦଳରେ ଜୀବନ ସହ ସଂଘର୍ଷ କରୁଛନ୍ତି ମନୋଜ । ଯିଏ ଦିନେ ଗରିବ ଅସହାୟଙ୍କୁ ସାହାର୍ଯ୍ୟ କରିବା ସହ ସେମାନେ କେମିତି ସ୍ୱାବଲମ୍ବୀ ହେବେ, ସେନେଇ ଚିନ୍ତା କରୁଥିଲେ ସେ ନିଜେ ଆଜି ମୃତ୍ୟୁ ସହ ଲଢେଇ କରୁଛନ୍ତି । ଗତ ଏପ୍ରିଲ ମାସ ଶେଷ ସପ୍ତାହରେ ମନୋଜଙ୍କ ଶରୀରରେ କରୋନା ଜନତି ଲକ୍ଷଣ ଦେଖିବାକୁ ମିଳିଥିଲା । କିନ୍ତୁ ଆରଟି-ପିସିଆର ଟେଷ୍ଟ ନେଗେଟିଭ୍ ବାହାରିଥିଲା । ମେ ୮ତାରିଖ ବେଳକୁ ମନୋଜଙ୍କ ଶରୀରରେ ଅକ୍ସିଜେନର ମାତ୍ରା ଧିରେ ଧିରେ କମିବାରୁ ତାଙ୍କୁ ହସ୍ପିଟାଲରେ ଆଡମିଟ୍ କରାଗଲା । ୧୦ ମେ' ବେଳକୁ ତାଙ୍କୁ ଇଣ୍ଟେନ୍ସିଭ୍ କେୟାର ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା ।

ଆଜି ଅନ୍ତର୍ଜାତୀୟ ଯୋଗ ଦିବସ

ସକାଳ ୬.୩୦ରେ ଜନତାଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦/୦୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧନ କରିବେ । ସକାଳ ୬ଟା ୩୦ରେ ସମ୍ବୋଧନ କରିବା ନେଇ ସେ ଟ୍ୱିଟ କରି ସୂଚନା ଦେଇଛନ୍ତି । କରୋନା ମହାମାରୀ ପାଇଁ ଏଥର ଭର୍ଚୁଆଲ ମାଧ୍ୟମରେ ଯୋଗ କରାଯିବ । ପ୍ରଧାନମନ୍ତ୍ରୀ ଟ୍ୱିଟ କରି ଲେଖିଛନ୍ତି, କାଲି ୨୧ ଜୁନରେ ଆମେ ସପ୍ତମ ଯୋଗ ଦିବସ ପାଳନ କରିବୁ । ଏଥର ଥିମ ରହିଛି ଯୋଗ ଫର ୱେଲନେସ । ଯାହା ଶାରୀରିକ ଓ ମାନସିକ ରୋଗ ପାଇଁ ଅଭ୍ୟାସ କରାଯିବ । କାଲି ସକାଳ ୬ଟା ୩୦ ମିନିଟରେ ମୁଁ ଯୋଗ ଦିବସ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବି ।

ପୁଣି ବଢିଲା ପେଟ୍ରୋଲ ଓ ଡିଜେଲ ଦର

ଓଡ଼ିଶାର ୫ ଜିଲ୍ଲାରେ ୧୦୦ ଟଙ୍କା ଟପିଲା ପେଟ୍ରୋଲ ଦର

ଭୁବନେଶ୍ୱର,୨୦/୦୬(ନି.ପ୍ର): ରବିବାର ଦିନ ଦେଶରେ ପୁଣି ତେଲଦର ବୃଦ୍ଧି ପାଇଛି । ପେଟ୍ରୋଲ ଲିଟର ପିଛା ୨୯ ପଇସା ଓ ଡିଜେଲ ଲିଟର ପିଛା ୩୦ ପଇସା ବୃଦ୍ଧି ପାଇଛି । ଓଡ଼ିଶାର ମାଲକାନଗିରି, ରାୟଗଡ଼ା, କୋରାପୁଟ, ଗଜପତି ଓ କଳାହାଣ୍ଡିରେ ପେଟ୍ରୋଲ ୧୦୦ ଟଙ୍କା ଟପିଯାଇଛି । ଏହି ବୃଦ୍ଧି ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୭.୨୨ ଓ ଡିଜେଲ ଲିଟର ପିଛା ୮୭.୯୭ ଟଙ୍କାରେ ବିକ୍ରି ହେଉଛି । ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩.୩୬ ଓ ଡିଜେଲ ଲିଟର ପିଛା ୯୫.୪୪ ଟଙ୍କାରେ ବିକ୍ରି ହେଉଛି । ଅନ୍ୟପକ୍ଷରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ରେକର୍ଡ ସ୍ତର ୯୭.୯୮ ଟଙ୍କାରେ ପହଞ୍ଚିଯାଇଛି । ସେହିପରି ଡିଜେଲ ଦର ୯୫.୮୭ ଟଙ୍କାରେ ପହଞ୍ଚିଛି । ତେବେ ଭାଟ ଅନୁସାରେ ରାଜ୍ୟର ଅନ୍ୟ ଜିଲ୍ଲାରେ ଦରରେ ତାରତମ୍ୟ ପରିଲକ୍ଷିତ ହେଉଛି । ସମ୍ବଲପୁରରେ ପେଟ୍ରୋଲ ୯୮.୫୯ ଓ ଡିଜେଲ ୯୬.୪୭ ଟଙ୍କାରେ ବିକ୍ରି ହେଉଛି । ▶▶ପୃଷ୍ଠା ୭

ତପୁ ମିଶ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୦/୦୬ (ନି.ପ୍ର): ପଂଚଭୂତରେ ବିଲୀନ ହେଲେ ତପୁ ମିଶ୍ର । ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ୱାମୀ ଦୀପକ ପୂଜାରୀ ମୁଖାଗ୍ନି ଦେଇଥିଲେ । ତପୁଙ୍କ ଶେଷଦର୍ଶନ କରିବାପାଇଁ ଅଭିନେତ୍ରୀ ତଥା ବିଜେଡି ନେତ୍ରୀ ଏଲିନା ଦାସ, ଉଷସୀ ମିଶ୍ର, ସୋଫିଆ ଆଲାମ, ଅଭିନେତା ବୁଲୁ ପ୍ରମୁଖ ସିନେଜଗତ ସହ ଜଡିତ ବହୁ ବ୍ୟକ୍ତିତ୍ୱ ସେଠାରେ ପହଂଚିଥିଲେ। ଗତକାଲି ରାତିରେ ଲୋକପ୍ରିୟ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ପରଲୋକ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୩୬ ବର୍ଷ ବୟସ ହୋଇଥିଲା। କରୋନାରୁ ସୁସ୍ଥ ହେବା ପରେ ଫୁସଫୁସ ସଂକ୍ରମଣରେ ପୀଡ଼ିତ ହୋଇ ତପୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ତାଙ୍କର ପରଲୋକ ଘଟିବା ପରେ ତାଙ୍କ ମରଶରୀରକୁ ବାସଭବନକୁ ଅଣାଯାଇଥିଲା। ଆଜି ତପୁଙ୍କ ବାସଭବନରେ ତାଙ୍କ ବନ୍ଧୁ ପରିଜନ ଶେଷ ଦର୍ଶନ କରିଥିଲେ । ଏହାପରେ ବାସଭବନରୁ ସତ୍ୟନଗର ଶ୍ମଶାନ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଜଣେ ସଫଳ କଣ୍ଠଶିଳ୍ପୀ ଭାବେ ବେଶ ସୁନାମ ଅର୍ଜନ କରିଥିଲେ ତପୁ। ତାଙ୍କ ବିୟୋଗରେ ଓଲିଉଡରେ ଶୋକର ଛାୟା ଖେଳିଯାଇଛି। ବରିଷ୍ଠ ଅଭିନେତାଙ୍କ ସହ ଅନେକ କଳାକାର, କଣ୍ଠଶିଳ୍ପୀ ଓ ତପୁଙ୍କ ପ୍ରଶଂସକମାନେ ତାଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ

ସକାଳ ୮ଟା ୩୦ରେ ଆରମ୍ଭ ହେବ ପହଣ୍ଡି । ଅପରାହ୍ନ ୨ଟାରେ ଛେରା ପହଁରା, ୩ଟାରେ ରଥଟଣା

ପୁରୀ,୨୦/୦୬ (ନି.ପ୍ର): ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ । ଶ୍ରୀଗୁଣ୍ଡିଚାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କର କେମିତି ନୀତି ହେବ, ସମସ୍ତ ନୀତିନିର୍ଘଣ୍ଟ ହୋଇଛି । ଛତିଶାନିଯୋଗ ବୈଠକରେ ଚୂଡାନ୍ତ ନୀତି ନିର୍ଘଣ୍ଟ ହୋଇଛି । ଜୁଲାଇ ୧୨ରେ ଶ୍ରୀଗୁଣ୍ଡିଚାରେ ସକାଳ ୮ଟାରେ ହେବ ରଥ ପ୍ରତିଷ୍ଠା । ୮ଟା ୩୦ରେ ପହଣ୍ଡି ଆରମ୍ଭ ହେବ । ଅପରାହ୍ନ ୨ଟାରେ ଛେରାପହଁରା ହେବ । ୩ଟାରେ ରଥଟଣା ପାଇଁ ନୀତିନିର୍ଘଣ୍ଟ ହୋଇଛି । ସେହିପରି ବାହୁଡାରେ ୧୨ଟାରୁ ୨ଟା ୩୦ ମଧ୍ୟରେ ପହଣ୍ଡି, ୪ଟାରେ ରଥଟଣା ହେବ । ସେହିପରି ସ୍ନାନଯାତ୍ରା ପାଇଁ ନୀତିନିର୍ଘଣ୍ଟ ହୋଇଛି । ରାତି ଗୋଟାଏରୁ ପହଣ୍ଡି ଆରମ୍ଭ ହେବ । ସକାଳ ୯ଟାରେ ଜଳଲାଗି ହେବ । ଦିନ ୧୧ଟାରେ ଗଜାନନ ବେଶ, ସନ୍ଧ୍ୟା ୫ଟାରେ ବାହୁଡା ପହଣ୍ଡି ହେବ । ଚଳିତ ଥର ୧୫ ଦିନ ହେବ ଅଣବସର ନୀତି । ଶ୍ରୀମନ୍ଦିର ଚତୁପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଛି । ପାଳିଆ ସେବାୟତଙ୍କୁ ଦିଆଯିବ ସ୍ୱତନ୍ତ୍ର ପାସ୍ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିନା ଭକ୍ତରେ ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ହେବ ସ୍ନାନପୂର୍ଣ୍ଣିମା ।

ସୁସ୍ଥ ହେଉଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ

ଭୁବନେଶ୍ୱର,୨୦/୦୬(ନି.ପ୍ର): ସୁସ୍ଥ ହେଉଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। କିଛି ଦିନ ମଧ୍ୟରେ ପ୍ରଦୀପ୍ତ ନାୟକ ହସ୍ପିଟାଲରୁ ଡିସଚାର୍ଜ ହୋଇପାରନ୍ତି। ଭୁବନେଶ୍ୱର ସ୍ଥିତ ଏମ୍ସର ସୁପରିଟେଣ୍ଡେଂଟ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏବେ ପ୍ରଦୀପ୍ତ ନାଏକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି। ବିଗତ ୧୫ ଦିନ ହେବ ତାଙ୍କର କୋଭିଡ୍ ରିପୋର୍ଟ ନେଗେଟିଭ୍ ରହିଛି। ସେ ଏବେ ଚଲାବୁଲା କରିବା ସହିତ ଫୋନରେ ଘର ଲୋକଙ୍କ ସହ କଥା ମଧ୍ୟ ହେଉଛନ୍ତି। ଏବେ ସେ କୌଣସି ପ୍ରକାର ଲାଇଫ୍ ସପୋର୍ଟ ସିଷ୍ଟମ ସହ ନାହାନ୍ତି। ତେଣୁ ଆଇସିୟୁ ବାହାରେ ରହିଛନ୍ତି। ହସ୍ପିଟାଲର ସାଧାରଣ ୱାର୍ଡରେ ରହିଛନ୍ତି। ତାଙ୍କୁ ତରଳ ଓ ଅର୍ଦ୍ଧ ତରଳ ଖାଦ୍ୟ ଦିଆଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଥିବାରୁ ସେ ଚାରି ଦିନ ମଧ୍ୟରେ ହସ୍ପିଟାଲରୁ ଡିସଚାର୍ଜ ହୋଇପାରନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ ମାସେ ୧୯ ତାରିଖରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କୋଭିଡରେ ସଂକ୍ରମିତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରଦୀପ୍ତଙ୍କୁ ଭେଂଟିଲେଟରରେ ରଖାଯାଇଥିଲା।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୫୮,୪୧୯ ନୂଆ ମାମଲା

ନୂଆଦିଲ୍ଲୀ,୨୦/୦୬(ନି.ପ୍ର.): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୮,୪୧୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧୫୭୬ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୯୮,୮୧,୯୬୫ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭,୨୯,୨୪୩ ଥିବା ବେଳେ ବର୍ତମାନ ସୁଦ୍ଧା ୩,୮୬,୭୧୩ ଜଣ ମୃତ୍ୟୁ ବରଣ କରିଛନ୍ତି ।

ସୁପ୍ରିମ କୋର୍ଟଙ୍କୁ କେନ୍ଦ୍ର ସରକାରଙ୍କ ସୂଚନା

କରୋନା ସଂକ୍ରମଣରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ଦେଇ ପାରିବେ ନାହିଁ ୪ ଲକ୍ଷ ଟଙ୍କାର କ୍ଷତି ପୂରଣ

ନୂଆଦିଲ୍ଲୀ,୨୦/୦୬: କରୋନା ସଂକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତି ପୂରଣଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ମାମଲାକୁ ନେଇ କେନ୍ଦ୍ର ସରକାରଙ୍କ ତରଫରୁ ସୁପ୍ରିମକୋର୍ଟରେ ଉତ୍ତର ରଖା ଯାଇଛି । କେନ୍ଦ୍ର ସରକାର ସୁପ୍ରିମ କୋର୍ଟକୁ କହିଛନ୍ତି କି କରୋନା ସଂକ୍ରମଣରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଇ ପାରିବ ନାହିଁ । କେନ୍ଦ୍ର ସରକାର କହିଛନ୍ତି କି ପ୍ରାକୃତିକ ବିପର୍ଯ୍ୟୟ ଆଇନ ମୁତାକବ କେବଳ ଭୂକମ୍ପ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ପରିବାରକୁ ଏହି ସହାୟତା ରାଶି ଯୋଗାଇ ଦିଆଯିବ । ଯଦି କରୋନା ସଂକ୍ରମଣରେ ମୃତ୍ୟୁବରଣ କରୁଥିବା ଲୋକଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଆଇନ ମୁତାବକ ସରକାର କ୍ଷତି ପୂରଣ ଯୋଗାଇ ଦେବେ ତେବେ ଅନ୍

ଜୟପୁର ଏୟାରଷ୍ଟ୍ରିପ ପରିଦର୍ଶନ କଲେ ଆରଡିସି

ଜୟପୁର,୨୦/୬ (ନି.ପ୍ର): ଜୟପୁର ଏୟାରଷ୍ଟ୍ରିପ ପରିଦର୍ଶନ କରିଛନ୍ତି ଦକ୍ଷିଣାଂଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ । କୋରାପୁଟ ଜିଲା ଗସ୍ତ ବେଳେ ଜୟପୁର ଏୟାରଷ୍ଟ୍ରିପର ଅଗ୍ରଗତି ଅନୁଧ୍ୟାନ କରିବା ସହ ଏୟାରଷ୍ଟ୍ରିପ ପରିଦର୍ଶନ କରିଥିଲେ । ଏୟାରଷ୍ଟ୍ରିପରେ ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟଙ୍କ ସହ ରାସ୍ତା ଓ ଗୃହ ବିଭାଗ ନିବାହୀ ଯନ୍ତ୍ରୀ ଭସ୍କର ସାମନ୍ତରାୟ ଉପସ୍ଥିତ ଥିଲେ । ଜିଲାର ବିକାଶ କାର୍ଯ୍ୟ ଜିଲାପାଳ ମହମ୍ମଦ ଅବଦୁଲ ଅକ୍ତାର ଓ ଜିଲାସ୍ତରିୟ ଅଧିକାରିଙ୍କ ସହ ସମୀକ୍ଷା କରିଥିବା ବେଳେଏୟାରଷ୍ଟ୍ରିପର ସମିକ୍ଷା ପରେ ନବରଙ୍ଗପୁର ଓ ମାଲକାନଗିରି ଗସ୍ତ କରିଥିବା ଜଣାଯାଇଛି । ବର୍ତମାନ ଏୟାରଷ୍ଟ୍ରିପରେ ଦକ୍ଷିଣ ପଟେ ଥିବା କେନାଲ ଓ ଉତର ପଟେ ଯାଇ ସ୍ଥିତି ପରଖି ଥିଲେ । ଏୟାରଷ୍ଟ୍ରିପର ଦକ୍ଷିଣ ପଟେ କେନାଲ ରହିଛି । ଯଦି ଉତର ପଟେ ଜମି ଅଧିଗ୍ରହଣ କରିଯିବ ତାହା ହେଲ ଆଦିବାସୀ ଜମି ରହିଛି । ତେଣୁ ଅଧିଗ୍ରହଣ ବିଳମ୍ବ ହେବ, ତେବେ ସରକାର ଏନେଇ ନିଷ୍ପତି ନେବେ ବୋଲି ଜଣାଯାଇଛି । ଜମି ଅଧିଗ୍ରହଣ ଦକ୍ଷିଣ ପଟେ ଶେଷ ହୋଇଥିବା ବେଳେ ଉତର ପଟେ ଆବଶ୍ୟକତା ରହିଛି । ବର୍ତମାନ ରନୱେ ୯୧୫ ମିଟର ଲମ୍ବା ଏବଂ ୨୩ ମିଟର ଚଉଡା କରାଯାଇଛି । ଏହି ରନୱେରେ ଛୋଟ ବିମାନ ଚାଲିବ । କିନ୍ତୁ ରାଜ୍ୟ ସରକାର ଜୟପୁର ବିମାନ ଘାଟିରେ ଟି-୭୨ ସିଟ ବିମାନ ଚାଲିବା ନେଇ ବ୍ୟବସ୍ଥା କରିଛନ୍ତି । ରନୱେ ସମ୍ପ୍ରସାରଣ କରିବା ଓ ଭିତିଭୂମି ବିକାଶ ପାଇଁ ୪୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଲମ୍ବ ୧୨ ଶହ ମିଟର ରନୱେ ଓସାର ୩୦ ମିଟର, ବାଉଣ୍ଡ୍ରି, ଚତୁପାର୍ଶ୍ୱ ରାସ୍ତା, ଟର୍ମିନାଲ, ଓାର୍କସପ, ଅଫିସ ରୁମ, ଷ୍ଟାପ କ୍ୱାର୍ଟର, ସିକ୍ୟୁରଟି ରୁମ୍ କାର୍ଯ୍ୟହେବ । ୯ ଶହ ମିଟର ପାଇ ବାଉଣ୍ଡ୍ରି କାଯ୍ୟ ସରିଥିବା ବେଳେ ୧୨ ଶହ ମିଟର ରନୱେ ପାଇଁ କାର୍ଯ୍ୟ ଚାଲିଛି । ଦିନେ ୨ ଦିନ ଭିତରେ ଏହି କାର୍ଯ୍ୟ ସରିବ । ତୁରନ୍ତ ୧୨ ଶହ ମିଟର ରନୱେ ଶେଷ କରିବାକୁ କୁହାଯାଇଛି । ଜାତୀୟ ରାଜପଥ ୨୬ ଠାରୁ ଏୟାରଷ୍ଟ୍ରିପ ସଂଯୋଗ ରାସ୍ତା ମଧ୍ୟ ବିକାଶ କାର୍ଯ୍ୟ ଚାଲିଛି । ୧ କିମି ବିଶିଷ୍ଟ ରାସ୍ତାର ଉନ୍ନତିକରଣ ନେଇ ୩.୨ ଏକର ଘରୋଇ ଜମିକୁ ଅଧିଗ୍ରହଣ କରାଯାଇଛି । ଏହି ରାସ୍ତା ଡବଲ ଲାଇନ ହେବ ରାସ୍ତା ଓ ଗୃହ ବିଭାଗ ନିବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ କହିଛନ୍ତି । ଏଟିଆର-୭୨ ପାଇ ୧୨ଶହ ମିଟର ରନୱେ ସମ୍ପ୍ରସାରଣ ପାଇଁ ୪୨ କୋଟି ଟଙ୍କା ମଞ୍ଜୁର ହୋଇଛି ।

ଅରୁଣାଚଳ ପ୍ରଦେଶ ବିଦେଶୀ ମଦ ରାଉରକେଲା ନିକଟରୁ ଜବତ : ୪ ଗିରଫ

ରାଉରକେଲା,୨୦/୬ (ନି.ପ୍ର): ଅରୁଣାଚଳ ପ୍ରଦେଶରୁ ବିଦେଶୀ ମଦ ରାଉରକେଲାକୁ ଚାଲାଣ ହେଉଛି ଓ ସେଗୁଡିକୁ ଗଚ୍ଛିତ ରଖାଯାଇ ଜିଲ୍ଲା ବ୍ୟାପି କାରବାର କରାଯାଇ ସରକାରଙ୍କର କୋଟି କୋଟି ଟଙ୍କାର ଟିକସ ଫାଙ୍କି କରାଯାଉଥିବା ଜଣାପଡିଛି । କୌଣସି ସୂତ୍ରରୁ ଖବର ପାଇ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଗତକାଲି ରାତିରେ ତାମଡା ଅଂଚଳରେ ଚଢ଼ଉ କରାଯାଇଥିଲା । ସେଠାରେ ଗୋଟିଏ ଘରେ ୧୯୦ଟି ପେଟିରେ ଥିବା ପାଖା ପାଖି ୨୦ ଲକ୍ଷ ଟଙ୍କାର ବିଭିନ୍ନ କିସମର ବିଦେଶୀ ମଦକୁ ଅବକାରୀ ବିଭାଗ ଜବତ କରିଥିଲା । ସେଠାରୁ ଏକ କାର୍ ମଧ୍ୟ ଜବତ କରିଥିଲା । ଏହି ମଦ ପେଟିରେ ଅରୁଣାଚଳ ପ୍ରଦେଶର ଛାପ ରହିଛି । ଏହି ଘଟଣାରେ ପ୍ରାଥମିକ ଭାବେ ୪ ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଘଟଣାରୁ ପ୍ରକାଶ ଯେ, ଲକ୍ ଡାଉନର ସୁଯୋଗ ନେଇ ବିଭିନ୍ନ ରାଜ୍ୟ ଦେଇ ଆସୁଥିବା ବିଭିନ୍ନ ମାଲ ଗାଡିରେ ବୀରମିତ୍ରପୁର ଦେଇ ଏହି ସବୁ ମଦ ଅରୁଣାଚଳପ୍ରଦେଶରୁ ଶସ୍ତାରେ ଜିଲ୍ଲାକୁ ପ୍ରବେଶ କରୁଥିଲା । ପରେ ଏସବୁ ବିଭିନ୍ନ ବିଦେଶୀ ମଦ ଦୋକାନକୁ ଚାଲାଣ କରାଯିବା ସହ ଜିଲ୍ଲାର ଢାବା ଗୁଡିକୁ ଚାଲାଣ ହୋଇଥାନ୍ତା । ଓଡିଶାରେ ବିଦେଶୀ ମଦର ମୂଲ୍ୟ ଅଧିକ ରହୁଥିବାରୁ ସେଠାରେ ଏସବୁ ମଦର ମୂଲ୍ୟ ଶସ୍ତା । ତେଣୁ ବେପାରୀ ମାନେ ସେମାନଙ୍କର ବୁଦ୍ଧି ଲଗାଇ ଏହି କାରବାର ଚଳାଇଥିଲେ । ଏହା ଦ୍ୱାରା ବହୁ ପରିମାନର ରାଜସ୍ୱ ମଧ୍ୟ ସରକାର ହରାଉଥିଲା । ହେଲେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏତେ ପରିମାଣର ମଦକୁ ଜବତ କରାଯାଇପାରିଛି ବୋଲି ସୂଚନା ଦିଆଯାଇଛି ।

ରାହୁଲ ଗାନ୍ଧୀଙ୍କ ଜନ୍ମଦିନରେ କଂଗ୍ରେସ ତରଫରୁ ମାସ୍କ, ଶୁଖିଲା ଖାଦ୍ୟ ବଣ୍ଟନ

ଭୁବନ,୨୦/୬ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟିର ଯୁବନେତା ନେତା ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଭୁବନ କଂଗ୍ରେସ ତରଫରୁ ଭୁବନ ଏନଏସି ଅନ୍ତର୍ଗତ ୧୫ ନମ୍ବର ୱାର୍ଡ ବାରିଜଙ୍ଗ ଗ୍ରାମରେ ଲୋକଙ୍କୁ ମାସ୍କ ଓ ଶୁଖିଲା ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ । ଭୁବନ ଛାତ୍ର କଂଗ୍ରେସ ସଭାପତି ଦେବାଶିଷ ସାହୁଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ପ୍ରଭୁଦତ ଭଟ୍ଟ, କାମାକ୍ଷାନଗର ବିଧାନସଭା ଯୁବ କଂଗ୍ରେସ ସଭାପତି ବିନୋଦ ମହାରଣା, ବାବୁଲି ପଣଦଡା, ବଳରାମ ପୃଷ୍ଟି,ରାଜ କିଶୋର ପୋଥାଳ, ଲିକୁନ ସାହୁ,ସିଲୁ ସାହୁ,ଅମୁଲ୍ୟ ଚିନରା,ବିକି ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

କଥା ଦେଇ କଥା ରଖିଲେ ଚିତ୍ତରଞ୍ଜନ

ମାଲକାନଗିରି,୨୦/୬ (ନି.ପ୍ର): କିଛିଦିନ ତଳେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ନେବାପାଇଁ ଗାଡ଼ିର ଅଭାବ ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟି ଥିଲା । ଏହିଭଳି ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଂଚଳର ସୁପରିଚିତ ସମାଜସେବୀ ଚତରଞ୍ଜନ ପଟ୍ଟନାୟକଙ୍କ ହୃଦୟରେ ବହୁତ ଆଘାତ ଦେଇଥିଲା । ସେଥିପାଇଁ ସେ ଏକ ନିଷ୍ପତି ନେଇଥିଲେ କି, ଆଗକୁ ଯଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ବ୍ୟକ୍ତିର ଶବକୁ ନେବାପାଇଁ ଗାଡ଼ିର ଆବଶ୍ୟକତା ପଡେ ତେବେ ସେ ନିଜ ଗାଡ଼ି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଯେକୌଣସି ବ୍ୟକ୍ତି ଯେତେବେଳେ ମଧ୍ୟ ତାଙ୍କ ସହ ଯୋଗାଯୋଗ କରି ଏହି ସୁବିଧା ପାଇ ପାରିବେ ବୋଲି କହିଥିଲେ । ସୂଚନା ଅନୁସାରେ ଆଜି ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୁମାରପୁଟ ଗ୍ରାମର ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିଲା ଏବଂ ପରିବାର ଲୋକେ ଶବକୁ ନେବାପାଇଁ ଗାଡ଼ି ଖୋଜୁଥିଲେ । ପରେ ମୃତକଙ୍କ ପରିବାର ଲୋକ ଚିତରଞ୍ଜନଙ୍କୁ ଯୋଗା ଯୋଗ କରିବା ମାତ୍ରେସେ ନି ଜେ ସେଠାରେ ଗାଡ଼ି ନେଇ ପହଂଚିଥିଲେ ଏବଂ ପ୍ରଥମ ଥର ପାଇଁ ଶବକୁ ତାଙ୍କ ଘରେ ନେଇ ପହଂଚାଇଲେ ।

ଚାଷ ଜମିରେ ମଦ ବୋତଲ : ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ମାଲକାନଗିରି,୨୦/୬ (ନି.ପ୍ର): ବର୍ଷା ଆଗମନ ସହ ବିଭିନ୍ନ ସ୍ଥାନରେ ଚାଷୀ ଚାଷକାର୍ଯ୍ୟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପଡିଆ ବ୍ଲକ ସଦର ମହକୁମା ଠାରୁ ମାତ୍ର ଦେଢ କିମି ଦୂରରେ ଥିବା ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ନିକଟବର୍ତୀ ଜମିରେକୁଢ଼ କୁଢ଼ ମଦ ବୋତଲ ପଡି ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାସହ ଚାଷୀ କିପରି ଚାଷ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି । ଏହି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରୁ ମଦ କିଣି ଗ୍ରାହକ ଆଖାପାଖ ଅଂଚଳ ରେ ଥିବା ଖୋଲା ଚାଷ ଜମି ଗୁଡ଼ିକରେ ବସି ମଦ୍ୟପାନ କରି କୁଢକୁଢ କାଚ ବୋତଲ ଜମା କରିଥିବା ଦେଖିବାକୁ ମିଳିଛି । ମଦ ଦୋକାନ ଚତୁଃପାର୍ଶ୍ୱରେ ଥିବା ଜମି ରେ ହଜାର ହଜାର ମଦ ବୋତଲ ଗୁଡିକ ଭଙ୍ଗା ଯାଇଥିବାରୁ କାଚ ଖଣ୍ଡ ପଡ଼ି ଜମି ଗୁଡିକ ଚାଷ ଅନୁପଯୋଗୀ ହୋଇପଡିଛି । ଏ ଦିଗରେ ପୂର୍ବରୁ ସ୍ଥାନୀୟ ଲୋକ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ କିମ୍ବା ଉକ୍ତ ଲାଇସେନ୍ସ ପ୍ରାପ୍ତ ମଦ ବ୍ୟବସାୟୀ ଦୃଷ୍ଟି ଦେଉନଥିବା କୁହାଯାଉଛି । ଅନ୍ୟପଟେ ସରକାର ଙ୍କ ରାଜକୋଷକୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଅବକାରୀ ଟ୍ୟାକ୍ସ ଆସୁଥିଲେ ମଧ୍ୟ ମଦ ଦୋକାନ ର ଆଖପାଖ ପରିବେଶ ଓ ବିଧିବଦ୍ଧ ନିୟମ ମଧ୍ୟରେ ମଦ ବିକ୍ରି ଦିଗରେ ଲଗାମ ଛଡା ନୀତି ଅବଲମ୍ବନ କରାଯାଉଥିବା କୁହାଯାଉଛି । ପଡିଆ ସ୍ଥିତ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ରୁ ସ୍ଥାନୀୟ ଅଂଚଳ ସହ ପଡୋଶୀ ଛତିଶଗଡ଼ ର ଗ୍ରାହକ ନିର୍ଭରଶୀଳ ଥିବାରୁ ଦୈନିକ ହଜାର ହଜାର ସଂଖ୍ୟାରେ କାଚ ବୋତଲ ଆଖାପାଖ ଜମି ଓ ଶାବେରୀ ନଦୀ କୂଳରେ ଦେଖିବାକୁ ମିଳୁଛି । ଗତ କିଛି ସପ୍ତାହ ଧରି ସୀମା ସିଲ୍ ରହିଥିବାରୁ ଛତିଶଗଡ଼ ଗ୍ରାହକ ଦେଖିବାକୁ ମିଳୁନଥିଲେ ମଧ୍ୟ ସ୍ଥାନୀୟ ଲୋକ ହୋମ ଡେଲିଭରି ଆଳରେ ଆଖପାଖ ଜମି ଓ ଶାବେରୀ ନଦୀ କୂଳରେ ମଦ୍ୟପାନ କରି କୁଢ କୁଢ ଆବର୍ଜନା ସୃଷ୍ଟି କରୁଛନ୍ତି । ସରକାର ନିଲାମ ଓ ଟ୍ୟାକ୍ସ ମାଧମରେ କୋଟି କୋଟି ଟଙ୍କା ର ରାଜସ୍ୱ ସଂଗ୍ରହ କରୁଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ । ଯାହାଫଳରେ ବ୍ୟବସାୟୀ ମାନେ ବେଧଡ଼କ ମଦ ବିକ୍ରି କରୁଥିଲା ବେଳେ ପରିବେଶ ସୁରକ୍ଷା ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ମଦ ଦୋକାନ ଆଖପାଖରେ ଥିବା ଚାଷ ଜମି ଗୁଡିକର ସୁରକ୍ଷା ଦିଗରେ ଦୃଷ୍ଟି ଦେବା ସହ ଅବକାରୀ ନିୟମ ମୁତାବକ ମଦ ବିକ୍ରି ଓ ମଦ୍ୟପାନ ଦିଗରେ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ କହିଛନ୍ତି ।

୧୦ଲକ୍ଷ ଟଙ୍କାର ଗଞ୍ଜେଇ ସହ ଗାଡି ଜବତ: ଜଣେ ଗିରଫ

ଜୟପୁର,୨୦/୬ (ନି.ପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ପୁଲିସକୁ ମିଳିଛି ଏକ ସଫଳତା । ଜଳାପୁଟ ଅଂଚଳରୁ ସେମିଳିଗୁଡା ଅଂଚଳକୁ ଗଂଜେଇ ଚାଲାଣ ହେଉଥିବା ନେଇ ମାଛକୁଣ୍ଡ ପୁଲିସ କୌଣସି ଏକ ସୂତ୍ରରୁ ଖବର ପାଇ ସାନସଗର ନିକଟରେ ରାତ୍ର ପେଟ୍ରୋଲିଂ କରି ଗାଡି ଯାଂଚ କରିଥିଲେ । ଠିକ ସେହି ସମୟରେ ଜଳାପୁଟ ଅଂଚଳରୁ ଏକ ଗଂଜେଇ ଭର୍ତି ବୋଲେର ପିକୋପ ଗାଡି ଦ୍ରୁତଗତିରେ ଆସୁଥିବା ନେଇ ପୁଲିସ ଅଟକ ରଖି ଯାଂଚ କରିଥିଲେ ଏବଂ ଗଂଜେଇ ରହିଥିବା ଜାଣିବାକୁ ପାଇଥିଲେ । ତା ସହ ଡ୍ରାଇଭରକୁ ମଧ୍ୟ ଅଟକ ରଖି ମାଛକୁଣ୍ଡ ଥାନାକୁ ଆଣିଥିଲେ ।

କେନ୍ଦ୍ରାପଡାରେ ରଥଯାତ୍ରା ପାଇଁ ହାଇକୋର୍ଟରେ ମାମଲା

କେନ୍ଦ୍ରାପଡ଼ା,୨୦/୬ (ନି.ପ୍ର): କେନ୍ଦ୍ରାପଡା ତୁଳସୀ କ୍ଷେତ୍ରର କ୍ଷେତାଧିପତି ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ପୁରୀ ଶ୍ରୀକ୍ଷେତ୍ର ଭଳି କୋଭିଡ କଟକଣା ଓ ସେବାୟତ ମାନଙ୍କ ଦ୍ୱାରା କରାଇବା ପାଇଁ ଏକ ଜନସ୍ୱାର୍ଥ ମାମଲା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଦାଏର କରାଯାଇଥିବା ଜଣାପଡିଛି । ରାଜ୍ୟ ସରକାର ପୁରୀ ବ୍ୟତୀତ ଅନ୍ୟତ୍ର ରଥଯାତ୍ରା ହେବନାହିଁ ବୋଲି ନିଷ୍ପତି ଘୋଷଣା କରିବା ପରେ କେନ୍ଦ୍ରାପଡା ଜିଲ୍ଲାର ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଧାର୍ମିକ ଓ ପରଂପରା ଦୃଷ୍ଟିରୁ ଶ୍ରୀକ୍ଷେତ୍ର ପରେ ତୁଳସୀକ୍ଷେତ୍ରର ଐତିହ୍ୟ ଗୁରୁତ୍ୱ ରଖୁଥିବା ବେଳେ ଏହାକୁ ବିଚାରକୁ ନନେଇ ରାଜ୍ୟ ସରକାର ରଥଯାତ୍ରା ବନ୍ଦ ନିଷ୍ପତି ଘୋଷଣା କରିଛନ୍ତି । ଶ୍ରୀ ମନ୍ଦିରର ପୂଜା ପଦ୍ଧତି, ପର୍ବପର୍ବାଣୀ ସହିତ ବଳଦେବଜୀୟୁଙ୍କ ମନ୍ଦିରର ସେବାପୂଜା ଓ ପରଂପରା ବହୁଳାଂଶରେ ସମାନତା ଥିବାରୁ ଏହାକୁ ଅଣଦେଖା କରାଯାଇ ରଥଯାତ୍ରା ବନ୍ଦ ତାଲିକା ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇ ଥିବାରୁ ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବି, ଶିକ୍ଷାବିତ୍, ରାଜନୈତିକ ସଂଗଠନ ଓ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ନୀଷ୍ପତିର ପୁନଃବିଚାର ପାଇଁ ଦାବି ଜୋର ଧରିଛି । ତେବେ ଏହି ବନ୍ଦ ନିଷ୍ପତି ପ୍ରତିବାଦ ରେ ଏକ ଜନସ୍ୱାର୍ଥ ମାମଲା ଡବ୍ଲୁପିସି ନଂ-୧୭୯୬୪/୨୦୨୧ ଓଡିଶା ହାଇକୋର୍ଟରେ ଦାଏର ହୋଇଥିବା ଜଣାପଡିଛି । ମନ୍ଦିରର ପୂଜାପଣ୍ଡା ନିଯୋଗର ମଦନ ପତ୍ରୀଙ୍କ ସମେତ ପ୍ରଫୁଲ ପତ୍ରୀ, ଗୋପବନ୍ଧୁ ପତ୍ରୀ, ବିଜୟ କୁମାର ପତ୍ରୀ, ରବିନ୍ଦ୍ର ପତ୍ରୀ ପ୍ରମୁଖ ଏହି ମାମଲା ଦାଏର କରିଛନ୍ତି । ଆଇନ ବିଭାଗ ସଚିବ , କେନ୍ଦ୍ରାପଡା ଜିଲ୍ଲାପାଳ ଓ ଏଣ୍ଡାମେଣ୍ଟ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇ ଥିବାବେଳେ ପୁରୀ ରଥଯାତ୍ରା ଭଳି କୋଭିଡ କଟକଣା ଓ ସମାନ ବ୍ୟବସ୍ଥା ଅବଲମ୍ବନ କରାଯାଇ କେନ୍ଦ୍ରାପଡାର ଶ୍ରୀ ବଳଦେବଜୀୟୁଙ୍କ ରଥଯାତ୍ରା ପରିଚାଳନା କରାଇବାକୁ ଅନୁମତି ଦେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ ନିବେଦନ କରାଯାଇଛି । ଆଇନଜୀବି ପ୍ରଫୁଲ ଚନ୍ଦ୍ର ବିଶ୍ୱାଳ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଜଣାପଡିଛି ।

ସ୍ୱାତୀ ପକ୍ଷରୁ ତରୁଣ ଚିତ୍ରକର ପ୍ରସାଦ ସୋନୁଙ୍କ ଚିତ୍ରକଳା ପ୍ରଦର୍ଶନୀ ସାଙ୍ଗକୁ ଲୋକଙ୍କ ପାଇଁ କୋଭିଡ ଟୀକା ସଚେତନତା

କନ୍ଧମାଳ,୨୦/୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ତରଫରୁ କାର୍ଯ୍ୟାଳୟ ପରିସରରେ ଫୁଲବାଣୀର ତରୁଣ ଚିତ୍ରକର ପ୍ରସାଦ ସୋନୁଙ୍କର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଚିତ୍ରକଳା ସବୁର ପ୍ରଦର୍ଶନୀ ଆୟୋଜିତ କରାଯାଇଛି । ପ୍ରସାଦ ସୋନୁ ଜଣେ ତରୁଣ ଚିତ୍ରକକର ଅଟନ୍ତି । ପିଲାଟି ଦିନରୁ ସେ ତାଙ୍କର ପ୍ରତିଭାରେ ଫୁଲବାଣୀ ଓ କନ୍ଧମାଳ ଜିଲ୍ଲା ଏବଂ ଜିଲ୍ଲା ବାହାରେ ଲୋକଙ୍କୁ ଆକର୍ଷିତ କରି ଆସିଛନ୍ତି । ତେଣୁ ସ୍ୱାତୀ ଅନୁଷ୍ଠାନ ତାଙ୍କର ଦ୍ୱରା ଅଙ୍କା ଯାଇଥିବା ୫୦ ରୁ ଅଧିକ ଚିତ୍ରକଳା ଗୁଡିକର ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏହା ଦ୍ୱାରା ଲଡକାଉନ ସମୟରେ ସ୍କୁଲ ସବୁ ବନ୍ଦ ଥିବା ଯୋଗୁଁ ଘରେ ରହୁଥିବା ସମସ୍ତ ଛାତ୍ରଛାତ୍ରୀ ମାନେ ଖାଲି ସମୟରେ ସେମାନଙ୍କ ନିକଟରେ ଥିବା ଲୁକ୍କାୟୀତ ପ୍ରତିଭା ସବୁକୁ ଉଜଗର କରିବା ଦିଗରେ ପ୍ରୋତ୍ସାହିତ କରିବାର ଉଦେଶ୍ୟ ରହିଛି ବୋଲି କହିଛନ୍ତି ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ.ହରିଶଙ୍କର ରାଉତ । ଏହା ସହିତ ଆଗକୁ ସ୍ୱାତୀ ଅନୁଷ୍ଠାନ ଆଗକୁ ଦାରିଙ୍ଗବାଡିର ଯୁବ କଳାକାର ସୁନିଲ କୁମାର ବିନ୍ଧାଣିଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି ସେ । ଏହାସହିତ ଫୁଲବାଣୀରେ ଚାଲିଥିବା ୧୮ରୁ ୪୪ ବର୍ଷ ବୟସର ଲୋକଙ୍କ ସହିତ ୫ ଶହ ଜଣ ଔଷଧ ବ୍ୟବସାୟୀ ମାନଙ୍କ ପାଇଁ ଆୟୋଜିତ ଟୀକାଦାନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଟୀକା ନେବା ସହିତ ସମାଜକୁ କୋଭିଡ ସଂକ୍ରମଣରୁ ମୁକ୍ତ କରିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ତଥା ଜିଲ୍ଲା ପ୍ରଶାସନକୁ ସହେଯାଗ କରିବାକୁ ଅନୁରୋଧ କରିଛନ୍ତି ସ୍ୱାତୀର ସମ୍ପାଦକ ଶ୍ରୀ ରାଉତ । ଏହି ଅବସରରେ ତାଙ୍କ ସହିତ ଅନୁଷ୍ଠାନର କର୍ମଚାରୀ ପ୍ରଦୀପ କୁମାର ସ୍ୱାଇଁ,ସାନ୍ତନୁ ମିଶ୍ର,ଗୋପବନ୍ଧୁ ଆଚାର୍ଯ୍ୟ, ବଳରାମ ସୋରେନ ଏବଂ ସାନ୍ତନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ସମସ୍ୟା

ସମାଧାନ ସମ୍ପର୍କରେ ଜଣାଇବାକୁ କୁଳାଧିପତିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ

ଗଞ୍ଜାମ,୨୦/୬ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅବସର ନେଉଥିବା କର୍ମଚାରୀ ଓ ଅଧିକାରୀ ମାନେ ବିଭିନ୍ନ ସମୟରେ ସେମାନଙ୍କ ପେନସନ୍ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମାମଲାର ସମାଧାନ ହେଉନାହିଁ । ଏଥିପାଇଁ କୁଳାଧିପତିଙ୍କ କାର୍ଯ୍ୟାଳୟରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କୁ ତାଗିଦ୍ କରାଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିଓଏଫ (କଂଟ୍ରୋଲର ଅଫ୍ ଫାଇନାନ୍ସ) ଅନେକ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଏଣୁ ବିତ ବିଭାଗର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏନେଇ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ । ଏହି ପେନସନ୍ ସମସ୍ୟା ନେଇ ପୂର୍ବରୁ ଗତ ଅପ୍ରେଲ ୨୨ ତାରିଖରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନେଇ କୁଳାଧିପତିଙ୍କ ସହିତ ଆଲୋଚନା ହୋଇଥିଲା । ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟା ସହିତ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ସମସ୍ୟା ଜିପିଏଫ ଓ ସିପିଏଫ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସମସ୍ତ ପୁରୁଣା ମାମଲାର ସମାଧାନ କରି ମଇ ୨୧ ତାରିଖ ସୁଦ୍ଧା କୁଳାଧିପତିଙ୍କ କାର୍ଯ୍ୟାଳୟକୁ ଜଣାଇବା ପାଇଁ ନିର୍ଦ

ଆନ୍ତର୍ଜାତୀୟ ଯୋଗ ଦିବସ ଓ ଭାରତ

ଭାଗୀରଥି ସାଗର

ଯୋଗ ହେଉଛି ଭାରତର ପ୍ରାଚୀନ ପରମ୍ପରାର ଗୋଟିଏ ଅମୂଲ୍ୟ ଉପହାର। ଏହା ମନକୁ ଫୂର୍ତ୍ତିରେ ଭରେ, ଶରୀରକୁ ସୁସ୍ଥ ରଖେ, ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରେ। ଯୋଗ ନିରୋଗ ରଖେ,ପ୍ରାଣ ଉଲ୍ଲସିତ ରହେ।ଯୋଗ କାରଣରୁ ପୁରା ଦୁନିଆରେ ଶାନ୍ତି ଏବଂ ସ୍ଥାପତ୍ୟ ସ୍ଥାପନ କରାଯାଇ ପାରିବ। ଆନ୍ତର୍ଜାତୀୟ ଯୋଗ ଦିବସ ପ୍ରତି ବର୍ଷ ଜୁନ ମାସ ୨୧ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଇଥାଏ। କୋଭିଡ୍ ୧୯ ଲୋକଙ୍କ ଚିନ୍ତାକୁ ସମ୍ପୂର୍ଣ୍ଣ ଭାବରେ ବଢ଼ାଇ ଦେଇଛି, ରୋଗ ଏବଂ ଆଇସୋଲେସନ୍ କେବଳ ରୋଗୀଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁ ନାହିଁ ବରଂ ନିଜର ଭାବାତ୍ମକ ସ୍ୱାସ୍ଥ୍ୟ ଏବଂ ପରିବାରର ସ୍ୱସ୍ଥ୍ୟକୁ ପ୍ରଭାବିତ କରୁଛି। ଯୋଗ ଏହି ପ୍ରକାରର ଚିନ୍ତାଧାରାରୁ ମୁକ୍ତ ରଖେ। ଏହା ଆମକୁ ମନୋ- ଶାରୀରିକ ସ୍ୱାସ୍ଥ୍ୟ, ଭାବନାତ୍ମକ ସଦଭାବ ସୃଷ୍ଟି କରିବାରେ ସାହାଯ୍ୟ କରେ। ପ୍ରଥମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ୨୦୧୫ ମସିହା ଜୁନ ମାସ ୨୧ତାରିଖରେ ପାଳିତ ହୋଇଥିଲା। ଭାରତରେ ଏହି ଦିବସକୁ ପାଳନ କରିବାପାଇଁ ଭାରତ ସରକାରଙ୍କର ଆୟୁର୍ବେଦ, ଯୋଗ ତଥା ପ୍ରାକୃତିକ ଚିକିତ୍ସା ମନ୍ତ୍ରାଳୟ ଆଗେଇ ଆସିଥିଲେ। ଏହି ସମୟରେ ଭାରତର ଇଣ୍ଡିଆ ଗେଟ ଠାରେ ଆୟୋଜିତ ହୋଇଥିବା ୩୫ ମିନିଟର କାର୍ଯ୍ୟକ୍ରମରେ ୨୧ ଆସନକୁ କରାଯାଇ ଥିଲା ଯେଉଁଥିରେ ୩୫,୯୮୫ ଲୋକଙ୍କ ସହିତ ୮୪ ଦେଶର ଜଣାଶୁଣା ବ୍ୟକ୍ତିଙ୍କ ମତାମତ ନିଆ ଯାଇଥିଲା,ଯେଉଁ ଘଟଣାକୁ ଗିନିଜ ବୁକ୍ ଅଫ ୱାଲ୍ଡ ରେକର୍ଡ ଠାରେ ସ୍ଥାନ ଦିଆଯାଇଥିଲା।

ଯୋଗ ସାଧନାର ମହତ୍ୱ ଭାରତ ଇତିହାସରେ ଅଭିନ୍ନ ଅଙ୍ଗ ଅଟେ। ଏହାର ସବୁଠାରୁ ଅଧିକ ପ୍ରଚାର ସ୍ୱାମୀ ବିବେକାନନ୍ଦ କରିଥିଲେ। ୨୦୧୪ ମସିହା ଡିସେମ୍ବର ୨୭ ତାରିଖରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ନିଜ ଭାଷଣରେ ଯୋଗ ଦିବସ ସମ୍ପର୍କରେ କହିଥିଲେ। ତାପରେ ସଂଯୁକ୍ତ ରାଷ୍ଟ୍ର ସଂଘ ୧୯୩ ସଦସ୍ୟମାନଙ୍କ ବୈଠକରେ ଅନ୍ତଃଜାତୀୟ ସ୍ତରରେ ଯୋଗ ଦିବସ ରୂପେ ଜୁନ ୨୧ ତାରିଖକୁ ପାଳନ କରିବାକୁ ସ୍ଥିର କରାଗଲା। ଯୋଗର ଇତିହାସ ଭାରତରେ ହି ଅଛି। ଯୋଗର ଇତିହାସ ୨୭ ବର୍ଷର ପୁରୁଣା ଇତିହାସ ଅଟେ। କୁହାଯାଏ ୨୦୦ ବର୍ଷ ପୂର୍ବେ ମହର୍ଷି ପତଞ୍ଜଳି ଯୋଗସୁତ୍ରକୁ ଲେଖିଥିଲେ।



ଯୋଗ କଲେ କେବଳ ଶରୀରରେ ଶକ୍ତି ଏବଂ ବଳ ତଥା ଉର୍ଜା ମିଳେ ତାହା ନୁହେଁ ମନରେ ଶାନ୍ତି ମଧ୍ୟ ଆସେ। ଏଣୁ ସବୁ ଦିନ ଯୋଗ ଅଭ୍ୟାସରେ ବ୍ୟକ୍ତି ମାନସିକ ରୂପରେ ସୁସ୍ଥ ଓ ଶାନ୍ତ ରହେ। ଯୋଗର ସହାୟତା ବଳରେ ସଠିକ୍ ନିର୍ଣ୍ଣୟ କରିବାର କ୍ଷମତା ହାସଲ କରି ହୁଏ। ଯୋଗ କୌଣସି ଧର୍ମ ନୁହେଁ। ସ୍ୱାମୀ ରାମଦେବ ଯୋଗର ମହତ୍ୱକୁ ବୁଝିବାକୁ ୨୫ ବର୍ଷ ସମୟ ନେଇଥିଲେ। ଆମ ଦେଶରେ ଯୋଗ ହେଉଛି ପ୍ରାଚୀନତମ। ଯୋଗର ପ୍ରଚାର ଓ ପ୍ରସାର ପାଇଁ ରାମ ଦେବ ବାବା ବହୁତ ଚେଷ୍ଟା କରିଛନ୍ତି। ଏହି କାରଣରୁ ହରିଆଣାର ବିଜେପି ସରକାର ରାମଦେବ ବାବାଙ୍କୁ ଯୋଗର ବ୍ରାଣ୍ଡ ଏମ୍ବେସଡର ଭାବରେ ଉପାଧି ଦେଇଛନ୍ତି। ବାବା ରାମ ଦେବଙ୍କ କାରଣରୁ ଲୋକମାନେ ପ୍ରାଣାୟମ ପ୍ରତି ଅଧିକ ମାତ୍ରାରେ ଇଚ୍ଛା ପ୍ରକାଶ କରନ୍ତି। ରାମଦେବ ବାବା ହି ଲୋକଙ୍କୁ ଆୟୁର୍ବେଦ ସମ୍ପର୍କରେ ପ୍ରେରଣା ଦେଇଛନ୍ତି, ଯାହା ଫଳରେ ଦେଶରେ ପତାଞ୍ଜଳିକୁ ଅଧିକ ମହତ୍ୱ ଦିଆଯାଉଛି। ଯୋଗ ମଧ୍ୟରେ ବହୁତା ଗୁଣ ଲୁଚି ରହିଛି। ଏଣୁ ଯୋଗ ସମ୍ପର୍କରେ ବିଶ୍ୱର ସମସ୍ତେ ଅବଗତ ହେବା ଦରକାର। ଅନ୍ତର୍ଜାତୟ ଯୋଗ ଦିବସ ୨୦୧୫ ମସିହା ଜୁନ ୨୧ ତାରିଖରେ ହୋଇଥିବା ଯୋଗ ଦିବସରେ ପୁରା ଦୁନିଆରେ ଯୋଗ କରାଯାଇଥିଲା। ଯାହାର ସକାରାତ୍ମକ ପ୍ରଭାବ ସାରା ବିଶ୍ୱରେ ପଡ଼ିଥିଲା। କାହିଁକି ନା ଯୋଗ ଠାରେ ଏମିତି ବିଧି ଅଛି ଯାହାକି ଗୋଟିଏ ସ୍ଥାନରେ ବସି ଅଧିକରୁ ଅଧିକ ଲୋକଙ୍କ ସାଥିରେ କରାଯାଇ ପାରିବ, ଯୋଗ କରାଯାଉଥିବା ଜାଗାରେ ଅଧିକ ସକାରାତ୍ମକ ପ୍ରଭାବ ପଡିଥାଏ। ଏହି ଉର୍ଜା ସମସ୍ତଙ୍କ ପାଇଁ ଲାଭଦାୟକ ଅଟେ।

ମନୁଷ୍ୟ ସବୁଦିନ କିଛି ନା କିଛି କାର୍ଯ୍ୟ କରେ ଏବଂ ଦିନ ଶେଷରେ ଥକି ଯାଏ,କିନ୍ତୁ ସେ ଯଦି ସବୁ ଦିନ ଯୋଗ କରେ ତେବେ ତାକୁ ଉର୍ଜା ସଞ୍ଚାରିତ ହୋଇଥାଏ। ଥକି ଯିବା ଭଳି ସମସ୍ୟା ଦୂରେଇ ଯାଏ। ସମସ୍ତ ଅଙ୍ଗକୁ ନିଜର କାମ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଉର୍ଜା ମିଳିଥାଏ। ଯୋଗ ବଳରେ ଶରୀରର ସବୁ ସମସ୍ୟା ଘୁଞ୍ଚି ଯାଇଥାଏ।

ଯୋଗକୁ ଯାଦୁ ମଧ୍ୟ କୁହା ଯାଇପାରେ। ନିୟମିତ ଯୋଗ କଲେ ଜୀବନ ପ୍ରତି ଉତ୍ସାହ ବଢେ, ଆତ୍ମ ବଳ ବଢେ, ସକାରାତ୍ମକ ଭାବନା ଜାଗ୍ରତ ହୁଏ। ଆତ୍ମ ବିଶ୍ୱାସରେ ମଧ୍ୟ ବୁଦ୍ଧିର ବିକାଶ ହୋଇଥାଏ। ଯେଉଁଥିରେ କି ଜୀବନରେ ଅଧିକରୁ ଅଧିକ ଉତ୍ସାହ ବଢ଼ି ସଫଳତା ମିଳେ। ଯୋଗ ଦ୍ୱାରା ମଣିଷ ଜୀବନକୁ ଦେଖିବାର ଶୈଳୀ ବଦଳିଯାଏ। ଯୋଗ ଦ୍ୱାରା ମନରେ ଏକାଗ୍ରତା ଜାତ ହୁଏ। ଏଥିରେ ଶୀତଳ ଭାବ ଆସେ ଏବଂ ଚିନ୍ତା ଭଳି ବିକାର ଭାବଗୁଡିକର ବିଲୋପ ହୋଇଥାଏ।ରାଗ ଅପସରିଯାଏ। ଏହି କାରଣରୁ ବ୍ଲଡ଼ ପ୍ରେସର ନିୟନ୍ତ୍ରିତ ରହେ। ଯେଉଁଥିରେ କି ଶାରୀରିକ ଏବଂ ମାନସିକ ସନ୍ତୁଳନ ରହେ। ଯୋଗର ପ୍ରଭାବଶାଳୀ ବିଧି ହେଉଛି ସୂର୍ଯ୍ୟ ନମସ୍କାର। ଯେଉଁଥିରେ ଶରୀରରେ ରକ୍ତ ପ୍ରଭାବ ଠିକ୍ ରହେ। ଶରୀରର ସ୍ନାୟୁକୁ ଆରାମ ମିଳେ। ଯୋଗ ଯୋଗୁଁ ଓଜନ ନିୟନ୍ତ୍ରିତ ରହେ। ଯାହାର ଓଜନ କମ୍ ତାର ଓଜନ ବଢେ ଏବଂ ଯାହାର ଓଜନ ଅଧିକ ତାର ଓଜନ କମ୍ ହୋଇଥାଏ। ଯୋଗ ବିଭିନ୍ନ ପ୍ରକାରର ହୋଇଥାଏ,ଯଥା ଧନୁରାସନ, ତ୍ରିକୋଣାସନ ଇତ୍ୟାଦି। ସୁତରାଂ ଯୋଗର ଗୁଣ ଗାରିମା ଅବର୍ଣ୍ଣନୀୟ।ଯୋଗର ବିଶେଷତା, ମହାନତା ଅନେକ। ଏଣୁ ଜୀବନକୁ ପୂର୍ଣ୍ଣାଙ୍ଗ ରୂପରେ ଦେଖିବାକୁ ହେଲେ ଯୋଗର ଅଭ୍ୟାସକୁ ବଳବତ୍ତର କରିବାକୁ ପଡ଼ିବ। ତେବେ ଯାଇ ଆମ ମନ ,ପ୍ରାଣ ସୁସ୍ଥ ରହି ଏ ସମାଜରେ ଆମେ ହସି ହସି ରହି ପାରିବା, ସୁସ୍ଥ ନାଗରିକ ହେଉଛି ଦେଶର ଉପଯୁକ୍ତ କଞ୍ଚାମାଳ। ସୁସ୍ଥ ରହିବା କେବଳ ଯୋଗ ଦ୍ୱାରା ସମ୍ଭବ ହୋଇ ପରିଆ ପାରିବ। ସେଇଥି ପାଇଁ ଆସନ୍ତୁ, ସମସ୍ତେ ଯୋଗ ଅଭ୍ୟାସ କରି ପବିତ୍ର,ସଫଳ ତଥା ପୂର୍ଣ୍ଣାଙ୍ଗ ଜୀବନ ଯାପନ କରିବା।

+ଡାଲଗୁମା, କୋକସରା,
କଳାହାଣ୍ଡି
ମୋ -୯୩୩୭୬୨୪୮୯୯

ଯୋଗର ଅନ୍ୟନାମ ମନରେ ସକାରାତ୍ମକ ପ୍ରଭାବ

ଅମୂଲ୍ୟ କୁମାର ପଣ୍ଡା

ଯୋଗ ହେଉଛି ପ୍ରାଚୀନ ଭାରତରେ ପ୍ରାୟ ଛଅ ହଜାର ବର୍ଷ ପୂର୍ବେ ବିକଶିତ ହୋଇଥିବା ଶରୀର, ମନ ଓ ଆତ୍ମାକୁ ସଂଯମ କରିବାର ଏକ ଆଧ୍ୟାତ୍ମିକ ପଦ୍ଧତି । ପ୍ରାକ୍ ବୈଦିକ ଯୁଗରୁ ଯୋଗର ଉତ୍ପତ୍ତି ବୋଲି ଗ୍ରହଣ କରାଯାଏ । ସିନ୍ଧୁ ଉପତ୍ୟକା ସଭ୍ୟତାରୁ ମିଳିଥିବା ମୁଦ୍ରାରେ ଯୋଗାସନରେ ସ୍ଥିତ ପଶୁପତିଙ୍କ ଛବି ଯୋଗର ପ୍ରାଚୀନତା ପ୍ରତିପାଦନ କରେ । ଯୋଗ ହେଉଛି ସାଧନାର ଅନ୍ତର୍ଚେତନାର ବିକାଶ ଓ ମହାଚେତନା ସଙ୍ଗରେ ମିଳନର ପ୍ରକ୍ରିୟା । ଯୋଗର ଆକ୍ଷରିକ ଅର୍ଥ ହେଉଛି ମହାଚେତନା ପରମାତ୍ମା ସହିତ ଅନ୍ତର୍ଚେତନା ଜୀବାତ୍ମାର ମିଶ୍ରଣ । ଯୋଗ ଶବ୍ଦ ସଂସ୍କୃତ ଯୁଜ୍ ଧାତୁରୁ ଆସିଅଛି, ଯାହାର ଅର୍ଥ : ଏକତ୍ର କରିବା, ଯୁକ୍ତ କରିବା ବା ଯୁକ୍ତ ଅବସ୍ଥା ଅଟେ । ଆଧ୍ୟାତ୍ମିକ ଅର୍ଥରେ ଏହା ଜୀବାତ୍ମା ଓ ପରମାତ୍ମାଙ୍କ ମିଳନକୁ ବୁଝାଏ । ଅନ୍ୟ ଅର୍ଥରେ ଚିତ୍ତବୃତ୍ତି ନିରୋଧକୁ ଯୋଗ ମଧ୍ୟ କହନ୍ତି । ଯୋଗ ଗୋଟିଏ ବିଜ୍ଞାନ, ଯାହାର ସାହାଯ୍ୟରେ ଆମେ ଚିତ୍ତକୁ ବିଭିନ୍ନ ବୃତ୍ତିରେ ରୂପାନ୍ତରିତ ହେବା ବନ୍ଦ କରିପାରିବା । ଚନ୍ଦ୍ରର ପ୍ରତିବିମ୍ବ ଯେପରି ସମୁଦ୍ରଢେଉ ଉପରେ ପଡ଼ି ଅସ୍ପଷ୍ଟ ହୋଇଯାଏ, ଆତ୍ମାର ପ୍ରତିବିମ୍ବ ମଧ୍ୟ ସେହିପରି ମନର ତରଙ୍ଗାଘାତରେ ଖଣ୍ଡବିଖଣ୍ଡ ହୋଇଯାଏ । ସମୁଦ୍ର ନିସ୍ତରଙ୍ଗ ହୋଇ ଯେତେବେଳେ ଦର୍ପଣ ପରି ଶାନ୍ତ ହୁଏ, ସେତେବେଳେ ଚନ୍ଦ୍ରର ପୂର୍ଣ୍ଣ ପ୍ରତିବିମ୍ବ ଆମେ ସେଥିରେ ଦେଖିପାରୁ, ଠିକ୍ ସେହିପରି ମନର ଉପାଦାନ ଚିତ୍ତ ଯେତେବେଳେ ସଂଯମଦ୍ୱାରା ଶାନ୍ତ ହୋଇଯାଏ, ସେତେବେଳେ ଆତ୍ମଦର୍ଶନ ହୁଏ।

ଯୋଗର ଅନେକ ଅନେକ ଅଙ୍ଗ, ଶାଖା ଓ ଅଭ୍ୟାସ ରହିଛି । ଏହାର ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଜୈନଧର୍ମରେ ବିଭିନ୍ନ ସାଧନା ମାର୍ଗ ରହିଛି । ଯୋଗର ପ୍ରଥମ ଅଙ୍ଗ ହେଉଛି ଯମ । ଏହା ହେଉଛି ଇନ୍ଦ୍ରିୟ ମାନଙ୍କର ସଂଯମ। ଆମର ଯେଉଁ ପଞ୍ଚଇନ୍ଦ୍ରିୟ ଯଥା ଶବ୍ଦ-କାନ, ସ୍ପର୍ଶ-ଚର୍ମ, ଦୃଶ୍ୟ-ଚକ୍ଷୁ, ରସ-ଜିହ୍ୱା ଓ ଗନ୍ଧ-ନାକ ଅଛି, ଆଦିଙ୍କର ଉଚିତ ବିବେକାନୁମୋଦିତ ବ୍ୟବହାର । ଏଣୁ ସାଧକର ଦରବାର ଶୁଦ୍ଧ ବୁଦ୍ଧି, ସଂକଳ୍ପିତ ମନ ଓ ସଂଯତ ଇନ୍ଦ୍ରିୟ। ଯମର ବିଭିନ୍ନ ବିଭାଗ ହେଉଛି ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ। ଯୋଗର ଦ୍ୱିତୀୟ ଅଙ୍ଗ ନିୟମ ହେଉଛି ଶୃଙ୍ଖଳା ଓ ଭକ୍ତି ମାଧ୍ୟମରେ ବ୍ୟକ୍ତିଗତ ଜୀବନ ଅତିବାହିତ କରିବା । ଏହାର ବିଭାଗମାନ ତପଃ, ଈଶ୍ୱର ପ୍ରଣିଧାନ, ଶୌଚ ଓ ସନ୍ତୋଷ । ଯୋଗର ତୃତୀୟ ଅଙ୍ଗ ହେଉଛି ଆସନ । ଏହି ପ୍ରକିୟା ଯୋଗୀକୁ ସ୍ଥିର ଓ ସୁଖରେ ବସିବାକୁ ସାହାଯ୍ୟ କରେ। ଯୋଗର ଚତୁର୍ଥ ଅଙ୍ଗ ହେଉଛି ପ୍ରାଣାୟମ ଏହା କେବଳ ଶ୍ୱାସକ୍ରିୟାରେ ଏକ ବ୍ୟାୟାମ ନୁହେଁ, ଏହା ନିଜର ଭାବକୁ ଦୃଢ କରେ ଓ ମନକୁ ନିୟନ୍ତ୍ରଣକୁ ଆଣେ । ମନ ଉପରେ ସକାରାତ୍ମକ ପ୍ରଭାବ ବିସ୍ତାର କରେ । ଏହା ପ୍ରାଣଶକ୍ତି ନିୟନ୍ତ୍ରଣର ବିଶେଷ କୌଶଳ, ଯାହାଦ୍ୱାରା ମନ ଇନ୍ଦ୍ରିୟ ମାନଙ୍କ ଠାରୁ ମୁକ୍ତ ହୋଇ, ଅନ୍ତର୍ମୁଖୀ ହୁଏ । ପ୍ରାଣାୟାମ ଅର୍ଥାତ୍

ପ୍ରାଣର ନିୟନ୍ତ୍ରଣ ହେଉଛି ଯୋଗର ଏକ ବିଶେଷ ଅଙ୍ଗ । ପ୍ରାଣବାୟୁ ବା ଶ୍ୱାସପ୍ରଶ୍ୱାସ ସମଗ୍ର ଶରୀର ଯନ୍ତ୍ରର ନିୟାମକ ମୂଳଚକ୍ର। ପ୍ରାଣ ପ୍ରଥମେ ଫୁସ୍‌ଫୁସ୍‌କୁ, ଫୁସ୍‌ଫୁସ୍‌ରୁ ହୃଦ୍‌ଯନ୍ତ୍ରକୁ, ହୃଦ୍‌ଯନ୍ତ୍ରରୁ ରକ୍ତ ପ୍ରବାହକୁ ଓ ସେଠାରୁ ମସ୍ତିଷ୍କକୁ ଯାଏ, ସର୍ବଶେଷରେ ମସ୍ତିଷ୍କରୁ ମନ ଉପରେ କାର୍ଯ୍ୟ କରେ । ପ୍ରାଣାୟାମର ତିନୋଟି ପର୍ଯ୍ୟାୟ ଅଛି ଯଥା ପ୍ରଥମ ପୂରକ ଯାହାର ଅର୍ଥ ଶ୍ୱାସଗ୍ରହଣ, ଦ୍ୱିତୀୟ କୁମ୍ଭକ ଯାହାର ଅର୍ଥ ଶ୍ୱାସରୋଧ ଓ ତୃତୀୟ ରେଚକ ଯାହାର ଅର୍ଥ ଶ୍ୱାସତ୍ୟାଗ। ଯୋଗର ପଞ୍ଚମ ଅଙ୍ଗ ହେଉଛି ପ୍ରତ୍ୟାହାର। ପ୍ରତ୍ୟାହାରର ଆକ୍ଷରିକ ଅର୍ଥ ହେଲା ପ୍ରତି + ଆହାର ଅର୍ଥାତ ପ୍ରତି ଅର୍ଥ ନୁହେଁ ଓ ଆହାର ଅର୍ଥ ଖାଦ୍ୟ। ମୋଟ ଉପରେ କହିବାକୁ ଗଲେ ଯାହା ଶରୀର, ମନ ଓ ଆତ୍ମାର ଉପଯୁକ୍ତ ଖାଦ୍ୟ ନୁହେଁ ତାହାକୁ ଗ୍ରହଣ ନ କରିବା । ଏହା ବିଶେଷତଃ ଇନ୍ଦ୍ରିୟ ବାସନାର ତ୍ୟାଗ ଉପରେ ପ୍ରତିଷ୍ଠିତ । କାରଣ ତ୍ୟାଗଦ୍ୱାରା ହିଁ ଅମୃତତ୍ୱ ପ୍ରାପ୍ତ ହୋଇପାରିବ । ଏହି ଇନ୍ଦ୍ରିୟ ତିନୋଟି ସୋପାନ ଦେଇ ଅତିକ୍ରମ କରାହୁଏ । ଶମ, ଦମ,- ଉପରତି । ଶମ ହେଉଛି ଇନ୍ଦ୍ରିୟ ମାନଙ୍କର ନିବାରଣ । ଉଚିତ ମାର୍ଗରେ ପରିଚାଳିତ କରିବାକୁ ପ୍ରବର୍ତ୍ତାଇବା, ଦମ ଇନ୍ଦ୍ରିୟ ନିୟନ୍ତ୍ରଣ ଓ ଉପରତି ନିରାକରଣ । ଇନ୍ଦ୍ରିୟ ନିରାକରଣ ଅର୍ଥ ସାଧକ ଦେଖିକରି ଦେଖାରିବେ ନାହିଁ । ଶୁଣି ମଧ୍ୟ ଶୁଣି ପାରିବେ ନାହିଁ- ଇତ୍ୟାଦି । ଯୋଗର ଷଷ୍ଠ ଅଙ୍ଗ ହେଉଛି ଧାରଣା ଯାହା ଏକାଗ୍ରତାକୁ ବୁଝାଏ । ବିକ୍ଷିପ୍ତ ମନକୁ କୌଣସି ଏକ ବସ୍ତୁ ଉପରେ କେନ୍ଦ୍ରିତ କରିବାକୁ ଧାରଣା କୁହାଯାଏ । ଯୋଗ ସପ୍ତମ ଅଙ୍ଗ ଧ୍ୟାନ ଅଟେ । ଏକ ବିଷୟବସ୍ତୁର ଜ୍ଞାନ ନିରନ୍ତର ଏକଭାବେ ପ୍ରବାହିତ ହେଲେ ତାହାକୁ ଧ୍ୟାନ କୁହାଯାଏ । ଏହି ଅବସ୍ଥାରେ କେବଳ ବିଷୟ ବସ୍ତୁର ଜ୍ଞାନ ରହେ । ଯୋଗର ଅଷ୍ଟମ ଅଙ୍ଗ ସମାଧି ଅବସ୍ଥା ଯାହା ଯୋଗର ଉଚ୍ଚତମ ଅବସ୍ଥା । ଯଦି ମନ ଏକ ରୂପ ଉପରେ ନିବିଷ୍ଟ ରହେ ତାକୁ କହନ୍ତି ସମ୍ପ୍ରଜ୍ଞାତ ସମାଧି ଓ ନିରାକାର ଉପରେ ମନ ନିବିଷ୍ଟ ହେଲେ ଅସମ୍ପ୍ରଜ୍ଞାତ ସମାଧି କୁହଯାଏ। ଶେଷରେ ଏତିକି କୁହାଯାଇ ପାରେ ଯେ ଯୋଗ ହେଉଛି ମନୁଷ୍ୟ ଜୀବନଶୈଳୀର ଏକ ଅଙ୍ଗ ରକ୍ଷକ ଯାହା ଅନ୍ତଃ ଓ ବାହ୍ୟ ଶରୀର କୁ ନିରୋଗ ରଖିବା ସହିତ ମନ ପବିତ୍ର କରି ଆଧ୍ୟାତ୍ମିକ ଜଗତକୁ ନେଇଯାଏ ଆଉ ଜୀବାତ୍ମା ଓ ପରମାତ୍ମା ମିଳନରେ ସାହାଯ୍ୟ କରେ।

+ଅରଙ୍ଗାବାଦ,
ବରୀ, ଯାଜପୁର
ମୋ:୯୯୩୮୯୦୬୦୭୦

ଆନ୍ତର୍ଜାତୀୟ ଯୋଗ ଦିବସ

ବିଶ୍ୱବିଜୟୀ ଦାଶ

ଆନ୍ତର୍ଜାତିକ ଯୋଗ ଦିବସ ବିଶ୍ୱବ୍ୟାପୀ ଜୁନ ୨୧ ତାରିଖରେ ପାଳନ ହୁଏ।ଶରୀରକୁ ସୁସ୍ଥ, ମନକୁ ଶାନ୍ତ ଓ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ସାରା ବିଶ୍ୱରେ ଏହି ଯୋଗ ଦିବସ ପାଳନ କରାଯାଉଛି।

ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ଯେ ସମ୍ଭବ, ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି।

ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ଆଣିବା ଲାଗି ଏକ ସିଦ୍ଧ ଉପଚାର।

୨୦୧୪ ସେପ୍ଟେମ୍ବର ୨୭ରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଆମେରିକାର ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେସନକୁ ପ୍ରଥମ କରି ସମ୍ବୋଧିତ କରି ଅଭିଭାଷଣରେ କହିଥିଲେ ଯେ, 'ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଜଳବାୟୁ ପରିବର୍ତ୍ତନ ହେବା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ଆମ ଭାରତୀୟ ସଂସ୍କୃତିରେ ଏହାର ମୁକାବିଲା କରିବା ପାଇଁ ଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଯୋଗକୁ କେବଳ ବ୍ୟାୟାମରେ ସୀମିତ ନରଖି ଶାସ୍ତ୍ରାନୁସାରେ ପରିବ୍ୟାପ୍ତ କରାଗଲେ ସବୁକିଛିର ପରିବର୍ତ୍ତନ କରାଯାଇପାରିବ । ତେଣୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଦିବସ ପାଳନ କରାଯିବା ଉଚିତ ।' ଏହାପରେ ଆନ୍ତର୍ଜାତିକ ସ୍ତରରେ ଏହାକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧, ୨୦୧୪ରେ ସଂକଳ୍ପ ନିଆଯାଇଥିଲା।

'ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ।ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି।

ଆନ୍ତର୍ଜାତିକ ଯୋଗ ଦିବସ ପାଳନର ପ୍ରଥମ ବର୍ଷ ୨୦୧୫ ମସିହା ଥିଲା।

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟଦ୍ୱାରା ଅୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ

ନୂଆଦିଲ୍ଲୀର ରାଜପଥଠାରେ ୮୪ ଦେଶର ୩୫,୯୮୫ ଜଣ ଅଂଶଗ୍ରହଣକାରୀ ଭାଗନେଇ ଦୁଇଟି ଗିନିସ ବର୍ଲ୍ଡ ରେକର୍ଡ



ସ୍ଥାପନ କରିଥିଲେ।ଏଥିରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭିତ୍ତିଭୂମିର ଆବଶ୍ୟକତା...

ବିଶ୍ୱବ୍ୟାପୀ ଆତଙ୍କ ଖେଳାଇ ଦେଇଥିବା କରୋନା ମହାମାରୀ ଗୋଟିକ ପରେ ଗୋଟିଏ ଲହର ଚାଲିଥିବା ହେତୁ ସବୁ ସ୍ତରରେ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହୋଇଥିବା ସମସ୍ତେ ଅଙ୍ଗେ ନିଭାଇଛନ୍ତି । ଜନଜୀବନକୁ ଅସ୍ତବ୍ୟସ୍ତ କରିସାରିଥିବା କରୋନା ସଂକ୍ରମଣ ପୂରାମାତ୍ରାରେ କେବେ ବିଶ୍ୱପୃଷ୍ଠରୁ ବିଲୁପ୍ତ ହେବ, ତାହା କେହି କହିପାରୁ ନାହାଁନ୍ତି । ସମସ୍ତେ ଆତଙ୍କ ଭିତରେ ସମୟ କାଟୁଛନ୍ତି । ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହୋଇସାରିଥିବାରୁ ବିଦେଶରେ ଓ ଆମ ଦେଶରେ ତାହାର ଉପଯୁକ୍ତ ଭରଣା ପାଇଁ ଯେତେ ଚେଷ୍ଟା କରାଯାଉଛ । ତାହାର ତାତ୍କାଳିକ ଉପଚାର ଥାଇପାରେ ସିନା, ଦୂରଗାମୀ ପରିଣତି ସକାଶେ ସେମିତି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରୁନାହିଁ । ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ ହେଉ କି' ସାମାଜିକ ଉପଚାର ଅନୁପାଳନ; ସବୁଥିରେ କେବଳ ପରୀକ୍ଷାନିରୀକ୍ଷା ଚାଲିଲା ଭଳି ହେଉଛି ସିନା, ଭୂତାଣୁର ଉତ୍ପାଟନ ପାଇଁ ବେଶୀ କିଛି ହୋଇ ପାରିନଥିବା ପ୍ରମାଣିତ ହୋଇସାରିଛି । ଆମ ଦେଶର କେନ୍ଦ୍ର ଓ ରାଜ୍ୟ ସରକାରମାନେ ସାଧ ମତେ ମହାମାରୀଜନିତ ସଙ୍କଟର ମୁକାବିଲା ପାଇଁ ଉଦ୍ୟମ ଚଳାଇଛନ୍ତି । ଏହା ମଧ୍ୟରେ ଦ୍ୱିତୀୟ ଲହର କ୍ରମଶଃ ମଉଳିବାକୁ ଯିବାର ଦେଖାଯାଉଛି । ସଂକ୍ରମଣ ଓ ମୃତ୍ୟୁହାର ନେଇ ଯେଉଁସବୁ ତଥ୍ୟ ପଦାକୁ ଆସୁଛି, ତାହା ଯେ ସମ୍ପୂର୍ଣ୍ଣ ସତ୍ୟ ଓ ତଥ୍ୟ ଆଧାରିତ, ତାହା କେହି ଛାତିରେ ହାତମାରି କହିପାରିବେ ନାହିଁ । ଗଣମାଧ୍ୟମରେ ପ୍ରସାରିତ ତଥ୍ୟକୁ ଯଦି ବିଶ୍ୱାସକୁ ନିଆଯାଏ, କହିହେବ ଯେ ତାହା ଅସଲ ବାସ୍ତବତାଠାରୁ ଯଥେଷ୍ଟ ଦୂରରେ । ମାତ୍ର କେହି ସାହସ କରି ସେଭଳି ତଥ୍ୟକୁ ଖଣ୍ଡନ କରିବାକୁ ଚାହିଁବେ ନାହିଁ । ମାତ୍ର, ଏହା ନକଲେ ବାସ୍ତବତା ନେଇ ଧର୍ମକୁ ଆଖିଠାର ବୋଲି ବୁଝାଯିବ । ଯେଉଁଠି ଶହେ କି' ହଜାରେ ଲୋକଙ୍କର ଜୀବନ ଯାଇଛି ବୋଲି କୁହାଯାଉଛି, ସେଠାରେ ହିସାବ କହୁଛି ମୃତ୍ୟୁ ସଂଖ୍ୟା ଲକ୍ଷାଧିକ। ତାଲାବନ୍ଦ, କଳକାରଖାନା ବନ୍ଦଠାରୁ ଆରମ୍ଭ କରି ଯେଉଁଭଳି ସାଧାରଣ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି, ତାହାର ଭରଣା ଏମିତିରେ ସହଜ ନୁହେଁ । କେନ୍ଦ୍ର ସରକାର, ରିଜର୍ଭ ବ୍ୟାଙ୍କ, ଅର୍ଥ ମନ୍ତ୍ରଣାଳୟ ପ୍ୟାକେଜ୍ ପରେ ପ୍ୟାକେଜ୍ ଘୋଷଣା କରିଚାଲିଛନ୍ତି । ମାତ୍ର ସେସବୁର ବିନିଯୋଗ ପାଇଁ ସାଧନର ଉପଯୋଗକୁ ସୁନିଶ୍ଚିତ କରାଯିବା ନେଇ କେତେକ ମହଲ ସନ୍ଦେହ କରୁଛନ୍ତି । ଏମିତିକି ଟିକା ଆମଦାନୀ ଓ ବିତରଣ କ୍ଷେତ୍ରରେ ସ୍ୱଚ୍ଛତା ରହୁନଥିବା କଥା ଉଠାଇବାକୁ କିଛି ଲୋକ ପଛାଉ ନାହାଁନ୍ତି । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଥିବା ଓଡ଼ିଶାରେ ଗୋଟିକ ପରେ ଗୋଟିଏ ସଂକ୍ରମଣଜନିତ ବିଷମ ସ୍ଥିତିର ମୁକାବିଲା ପାଇଁ ଯାହା କରିଛି, ତାହା ସମସ୍ତେ ଜାଣିଛନ୍ତି । କରୋନା ସଂକ୍ରମଣର ଯଥେଷ୍ଟ ପୂର୍ବରୁ ଓଡ଼ିଶା ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଓ ସମ୍ପ୍ରସାରଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୂଳରୁ କହିଆସୁଛନ୍ତି ଯେ, ପ୍ରତିଟି ଜୀବନ ମୂଲ୍ୟବାନ । ସମସ୍ତଙ୍କର ଜୀବନ ଓ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଛନ୍ତି । ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ମେଡିକାଲ କଲେଜ ଖୋଲିବା ସହିତ ଭିତ୍ତିଭୂମିର ସମ୍ପ୍ରସାରଣ ପାଇଁ ବହୁ ପଦକ୍ଷେପ ନେଇ ସେ ଦିଗରେ ରହିଥିବା ଆନ୍ତରିକତାର ପ୍ରମାଣ ରଖିଛନ୍ତି ବୋଲି କୁହାଯାଇପାରିବ । ନିକଟରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭମି ସକାଶେ ୮୫୦୦ କୋଟିର ପ୍ରାବଧାନ କରିବା ସେ ଦିଗରେ ଅନ୍ୟ ଏକ ପଦକ୍ଷେପ । ବଲାଙ୍ଗୀର, ମୟୂରଭଞ୍ଜ, ମାଲକାନଗିରି ଭଳି ଅଞ୍ଚଳରେ ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲାଯିବା ସହିତ ଚଳିତ ବର୍ଷ ଜଗନ୍ନାଥ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାର ସୂଚିତ ହୋଇଛି । ୨୦୨୪ ବେଳକୁ ପ୍ରତିବର୍ଷ ଦୁଇଟି ଲେଖାଏଁ ମେଡିକାଲ କଲେଜ ଖୋଲିବ ବୋଲି ଘୋଷଣା କରାଯାଇଛି । କେବଳ ସେତିକି ନୁହେଁ, ସ୍ୱତନ୍ତ୍ର କୋଭିଡ ପ୍ୟାକେଜ୍ ସ୍ୱରୂପ ୧୬୯୦କୋଟି ଟଙ୍କାର ଘୋଷଣା ରାଜ୍ୟବାସୀଙ୍କ ସ୍ୱାର୍ଥ ଓ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ବୋଲି କୁହାଯାଇପାରେ । ୧୮ ଲକ୍ଷ କାଳିଆ ହିତାଧିକାରୀଙ୍କୁ ଆଉ ହଜାରେ ଟଙ୍କା, ସହରୀ ଗରିବଙ୍କୁ 'ମୁକ୍ତା' ଯୋଜନାରେ କାମ, ୨୬୦ କୋଟିରେ ପ୍ରକଳ୍ପ ନିର୍ମାର ମନରେଗାରେ ମଜୁରି ୫୦ ଟଙ୍କା ବୃଦ୍ଧି, ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଜୁଲାଇ-ନଭେମ୍ବର ଅଧିକ ୫ କେଜି ଚାଉଳ ଏବଂ ନିର୍ମାଣ ଶ୍ରମିକଙ୍କୁ ଦେଢ଼ ହଜାର ପ୍ରଦାନ ଘୋଷଣା ଭଳି ବ୍ୟବସ୍ଥା କରୋନାଜନିତ ବ୍ୟାପକ କ୍ଷତିର ଭରଣାରେ ଯତ୍ସାମାନ୍ୟ ସହାୟକ ହେବବୋଲି ଆଶା କରାଯାଇପାରେ । କରୋନାର ମୁକାବିଲା ସହିତ ଲୋକମାନଙ୍କର ଜୀବନଧାରଣରେ ସୃଷ୍ଟି ହୋଇଥିବା ଅସମାନତାକୁ ଲହର କିଞ୍ଚିତ୍ ମାତ୍ରାରେ ଉପଶମ କରିବ ବୋଲି ଭରସା ହେଉଛି । ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଦୃଢ଼ୀକରଣ ଭଳି ଦୃଷ୍ଟାନ୍ତମୂଳକ ଯୋଜନା ସହିତ ଭୂତାଣୁଜନିତ ମହାସଙ୍କଟର ମୁକାବିଲା ଏବଂ ସମ୍ଭାବ୍ୟ ଲହର ପାଇଁ ପ୍ରସ୍ତୁତିକୁ ଦେଖାଗଲେ ସର୍ବାନ୍ତକରଣରେ ଲୋକମାନଙ୍କ ଧନ-ଜୀବନ ପାଇଁ ଥିବା ପ୍ରତିବଦ୍ଧତାର ଏହା ନିଶ୍ଚିତ ପ୍ରମାଣ ।

ତଥାପି ଅପେକ୍ଷା

ଅନିଲ କୁମାର ଲେଙ୍କା

ଏଇତ ଜୀବନର ଅବୁଝା ଗଣିତ
ବୁଝା ପଡ଼େନି,
ସେଇଠି ଅଟକି ଯାଏ
ଯାହାର..
ନା ଥାଏ ସୂତ୍ର ନା ସଂଖ୍ୟା
ତଥାପି ପ୍ରତୀକ୍ଷା
ସେ ପୁଣି ଅନନ୍ତ କାଳର ।
ଜ୍ୟାମିତିକ ଜ୍ୟା ପରି ନୁହେଁ ସେ ସଳଖ
ନିହାତି ଅଙ୍କା ବଙ୍କା
ସୀମା ପରିସୀମା ମାପୁମାପୁ
ବିତେ ଖାଲି ପ୍ରଣୟ ଆୟୁଷ,
ମନ ମଧୁକୁଞ୍ଜେ ମିଳନର ସ୍ୱପ୍ନ
କିନ୍ତୁ, ବାସ୍ତବଟା ମରୀଚିକାମୟ ।
ହୃଦୟ ହିମାଦ୍ରୀରେ
ଝରୁଥାଏ ସାତଜନ୍ମର
ଅତୁଟ ବନ୍ଧନ...ହେଲେ,
ମଝିରେ ଖାଲି ଯାହା
ତୁମ ବାରଣର ଲକ୍ଷ୍ମଣରେଖା
ଲାଗୁଥାଏ ଦୂର ଆକାଶର ଜହ୍ନ ।
ହେଲେ..
ତଥାପି ଅପେକ୍ଷା ତୁମକୁ
ଥରେ ନୁହେଁ ବାରମ୍ବାର
ପ୍ରତି ମୁହୂର୍ତ୍ତେ ଝୁରିହୁଏ ମନ,
ସେଇ ଜୀବନର
ସେ ସ୍ୱପ୍ନର
ସେଇ ଅତୁଟ ବନ୍ଧନର ମୋହରେ...
ତଥାପି ଅପେକ୍ଷା... ତଥାପି
ଅପେକ୍ଷା ।

+ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ, (ନୂଆପଡ଼ା)

ଯୋଗାଭ୍ୟାସର ଆବଶ୍ୟକତା

ବିପିନ ବିହାରୀ ମହାନ୍ତି



ଯୋଗ ବା ଆସନ ଭାରତ ପାଇଁ କିଛି ନୂଆ କଥା ନୁହେଁ । ଏହା ଭାରତର ନିଜସ୍ୱ ସ୍ୱାସ୍ଥ୍ୟ ବିଜ୍ଞାନ । ପରବର୍ତ୍ତୀ ସମୟରେ ଏହାର ଗୁରୁତ୍ୱ ଉପଲବ୍ଧି କରି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନେ ଭାରତରୁ ଏ ବିଦ୍ୟା ଗ୍ରହଣ କଲେ ଏବଂ ଉପକୃତ ହେଲେ । 'ଆମରି ସ୍ୱାସ୍ଥ୍ୟ, ଆମ ଜୀବନ' ଦୃଷ୍ଟିରୁ ଏହାକୁ ଆନ୍ତର୍ଜାତିକ ସ୍ତରରେ ବିଚାର କରି 'ସର୍ବଜନ ଏବଂ ସର୍ବବିଶ୍ୱ' ଗ୍ରହଣାର୍ଥେ ତଥା ଏ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଜାତିସଂଘର ବିଶ୍ୱ ସ୍ୱାସ୍ଥ୍ୟ ସଂଘ ତରଫରୁ ଗତ ୨୦୧୪ରେ ଜୁନ ୨୧ ତାରିଖକୁ ପ୍ରତିବର୍ଷ ଯୋଗ ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି ଏବଂ ସେହି ଅନୁସାରେ ଜୁନ୍ ୨୦୧୫ରେ ଏହା ବିଶ୍ୱରେ ପ୍ରଥମକରି ପାଳନ କରାଗଲା । ଏଥିରେ ଜାତିସଂଘ ଅନ୍ତର୍ଭୁକ୍ତ ୧୯୧ଟି ରାଷ୍ଟ୍ରରେ ୨୫୧ଟି ସ୍ଥାନର କିଛି ଝଲକ ଗଣମାଧ୍ୟମ ଏବଂ ସର୍ବୋପରି ଦୂରଦର୍ଶନ ଜରିଆରେ ପ୍ରସାରଣ କରାଯାଇଥିଲା । ଏଥିରେ ପାଖାପାଖି ୧୦କୋଟି ଲୋକ ଅଂଶଗ୍ରହଣ କରିଥିଲେ । ଏହା ମଧ୍ୟ ଗିନିସ୍ ବୁକ୍ ଅଫ୍ ରେକର୍ଡ଼ରେ ସ୍ଥାନିତ ହୋଇଛି ।

ଯୋଗ ଏକ ଆସନ, ଏକ ବିଜ୍ଞାନ ଏବଂ ଏକ ଚିକିତ୍ସା ଯାହାର ଅଭ୍ୟାସ ଦ୍ୱାରା କେବଳ ରୋଗର ଚିକିତ୍ସା କରାଯାଏ ନାହିଁ ଅପରନ୍ତୁ ରୋଗକୁ ଶରୀର ମଧ୍ୟରେ ପ୍ରବେଶ କରିବାକୁ ଦିଏ ନାହିଁ । ରୋଗ ହେବା ପୂର୍ବରୁ ସେତାକୁ ନିବାରଣ କରିଥାଏ । ଏହା ଶାରୀରିକ, ମାନସିକ, ପ୍ରାବଣିକ ଏବଂ ଆତ୍ମିକ ସନ୍ତୁଳନ ରକ୍ଷା କରେ । ଏହା ଶିଶୁଠାରୁ ବୟସ୍କ ବା ବୃଦ୍ଧ ଯାଏଁ ସର୍ବ ସାଧାରଣ: ଯୋଗୀ, ରୋଗୀ ଏବଂ ଭୋଗୀଙ୍କ ପାଇଁ ଆବଶ୍ୟକ ଅଟେ ।

ବହୁ ପୁରାତନ କାଳରୁ ଆମର ଯୋଗୀ ଋଷିମାନେ ଯୋଗାସନ କରି ଆସୁଛନ୍ତି । ଏହି ଯୋଗାସନ ଶରୀରକୁ କେବଳ ସୁସ୍ଥ, ସବଳ, ନୀରୋଗ ଓ କର୍ମଠ କରେନାହିଁ, ତାହା ସହିତ ଦୀର୍ଘ ଜୀବନ ଯାପନ କରିବାରେ ସହାୟକ ହୁଏ । ଦେହ ଓ ମନକୁ ପ୍ରଫୁଲ ରଖେ, ନୂତନ ଶକ୍ତି ଓ କର୍ମକରିବାର ପ୍ରେରଣା ଦିଏ ।

ଯୋଗାସନ ନିୟମିତ ଅଭ୍ୟାସ କଲେ ରକ୍ତ ସଂଚାଳନ, ଶ୍ୱାସକ୍ରିୟା, ପରିପାକ ଓ ମଳ ନିଷ୍କାସନ ଇତ୍ୟାଦି ଅଧିକ କ୍ରିୟାଶୀଳ ହୁଏ । ଯୋଗାଭ୍ୟାସ ଦ୍ୱାରା ମଣିଷ ବିନା ଔଷଧ ସେବନ ଦ୍ୱାରା ନୀରୋଗ ଓ କାର୍ଯ୍ୟକ୍ଷମ ରୁହେ, ଦୀର୍ଘାୟୁ ହୁଏ ଓ ତାର ସ୍ମରଣ ଶକ୍ତି, ଶ୍ରବଣ ଶକ୍ତି ଏବଂ ଦୃଷ୍ଟିଶକ୍ତି ଇତ୍ୟାଦି ବୃଦ୍ଧି ପାଏ ।

ଯୋଗାଭ୍ୟାସ ପାଇଁ କେତେକ ସ୍ୱାସ୍ଥ୍ୟ ପ୍ରଦାୟକ ଆସନ ଅଛି, ପ୍ରତିଟି ଯୋଗ ବା ଆସନର ଶରୀର ପ୍ରତି ନିର୍ଦ୍ଦିଷ୍ଟ ଉପକାରିତା ଅଛି । ଏଠାରେ କେତୋଟିର ଉପସ୍ଥାପନା କଲୁ ।

ଭୁଜଙ୍ଗା ସନ : ଏହି ଆସନ ଦ୍ୱାରା ପେଟ, ଅଣ୍ଟା, ଛାତି ଓ ପେଟର ପେଶୀମାନଙ୍କ ଉପରେ ଚାପପଡ଼ିବା ଦ୍ୱାରା ସେମାନଙ୍କର ହଜମ ଶକ୍ତି ବୃଦ୍ଧିପାଏ । ଏ ଆସନ ବାଳକ ଓ ସ୍ତ୍ରୀମାନଙ୍କ ପାଇଁ ଜରୁରୀ । ଏଥିରେ ଜରାୟୁ ଜନିତ ଯେ କୌଣସି ବ୍ୟାଧି ଦୂର ହୁଏ । ଧନୁରାସନ : ଏହା ଆଜୀର୍ଣ୍ଣ, ବାତ ଓ ମଳମୂତ୍ର ଇତ୍ୟାଦି ରୋଗରୁ ରକ୍ଷାକରେ । ପେଟରେ ମେଦବୃଦ୍ଧି ଦୂରକରେ । ପ୍ଲୀହା ଓ ଯକୃତର ଦୋଷ ନଷ୍ଟ କରେ, କୋଷ୍ଠ କାଠିନ୍ୟ ଦୂରକରି ହଜମଶକ୍ତି ବଢ଼ାଏ ଏବଂ ଆଳସ୍ୟ ଦୂରକରେ ।

ପଦ୍ମାସନ : ପ୍ରାଣାୟମ, ଜପ, ଧ୍ୟାନ ଏବଂ ମନର ଏକାଗ୍ରତା ଆଣିବା ପାଇଁ ପଦ୍ମାସନ ସର୍ବଶ୍ରେଷ୍ଠ ଯୋଗାସନ । ଏହି ଆସନ ଦ୍ୱାରା ଫୁସ୍‌ଫୁସ୍ ଶୁଦ୍ଧହୁଏ, ଜ୍ଞାନ ତନ୍ତୁମାନଙ୍କୁ ଅଧିକ ଶକ୍ତିମିଳେ, ଛାତିର ଅଧିକାଂଶ ରୋଗରୁ ରକ୍ଷାମିଳେ ।

ଯୋଗ ମୁଦ୍ରା : ଏହି ଆସନ ଦ୍ୱାରା ଯେତେ ପୁରାତନ ହେଉନା କାହିଁକି କୋଷ୍ଠବଦ୍ଧତା, ଆମାଶୟ ଦୂରହୁଏ । ରୋଗୀଙ୍କ ପାଇଁ ଏ ଆସନ ଜରୁରୀ ଅଟେ ।

ବଜ୍ରାସନ : ଏହା ଏକ ବାତ ନାଶକାରୀ ଆସନ । ଏହାଦ୍ୱାରା ଶ୍ୱାସକ୍ରିୟା ମନ୍ଥର ହୁଏ; ମନର ଚଞ୍ଚଳତା ଦୂରହୁଏ, ଶରୀର ନୀରୋଗ ଓ ସୁନ୍ଦରହୁଏ । ଆଣ୍ଠୁ, ପାଦ, ଜଂଘ ଶକ୍ତିଶାଳୀ ହୁଏ, ଖାଦ୍ୟ ସହଜରେ ହଜମହୁଏ ।

ମତ୍ସ୍ୟାସନ: ଏଥିରେ ଫୁସ୍ ଫୁସ୍ ଦୋଷ ନଷ୍ଟ ହୁଏ, ଶ୍ୱାସରୋଗ ଆରୋଗ୍ୟ ହୁଏ; ମ୍ୟାଲେରିଆ ଦୂର ହୁଏ । ପ୍ଲୀହା ରୋଗ ଆରୋଗ୍ୟ ହୁଏ ।

ମୟୁରାସନ: ଏହି ଆସନଦ୍ୱାରା ଜୀଣ୍ଣ ଶକ୍ତି ଅତିମାତ୍ରାରେ ବୃଦ୍ଧିପାଏ । ପାକସ୍ଥଳୀ, ଯକୃତ ଓ ପ୍ଲୀହା ରୋଗ ଦୂରହୁଏ। ବହୁମୁତ୍ରୀଙ୍କ ପାଇଁ ଏ ଅଭ୍ୟାସ ଏକ ମହୋଷଧି ।

ଶୀର୍ଷାସନ : ଏହା ବ୍ରହ୍ମଚର୍ଯ୍ୟ ରକ୍ଷାରେ ସାହାଯ୍ୟ କରେ । ମସ୍ତିଷ୍କର ସ୍ମୃତି ଶକ୍ତି ଅଧିକ କରେ । ଏହି ଆସନଦ୍ୱାରା ଆଖି, କାନ, ନାକ, ମୁଣ୍ଡ, ଚକା, ପାକସ୍ଥଳୀ, ଫୁସ୍‌ଫୁସ୍, ପ୍ଲୀହା ଓ ଯକୃତ ଆଦିର ରୋଗ ଦୂର ହୁଏ ।

ସର୍ବାଙ୍ଗସନ : ଏହି ଆସନଦ୍ୱାରା ଶରୀରର ଅନାବଶ୍ୟକ ମେଦ ନଷ୍ଟହୁଏ । ଶରୀର ନୀରୋଗ ଓ କର୍ମଠ ହୁଏ । କୋଷ୍ଠ କାଠିନ୍ୟ ଦୂରହୁଏ । ମେରୁଦଣ୍ଡ ସତେଜ ଓ ନମନୀୟତା ରୁହେ ଏବଂ ଟନସିଲ୍ ଦୋଷ ନଷ୍ଟହୁଏ ।

ହଳାସନ: ଏହି ଆସନ ଟନସିଲ୍‌ର ଦୋଷ ନଷ୍ଟ କରେ, ପାକସ୍ଥଳୀ ଓ ଅଣ୍ଟାକୁ ଅଧିକ ଶକ୍ତିଶାଳୀ ଓ କାର୍ଯ୍ୟକ୍ଷକ କରେ, କୋଷ୍ଠକାଠିନ ଦୂରକରି କ୍ଷୁଧା ବଢ଼ାଏ । ଆଳସ୍ୟ ଦୂରକରେ ।

ସୂର୍ଯ୍ୟାସନ: ଏହା ଶରୀରରେ ଦୃଢ଼ତା ଓ ନମନୀୟତା ଆଣେ । ସଂପୂର୍ଣ୍ଣ ଶରୀର ଏହି ବ୍ୟାୟାମରେ ଅଂଶ ଗ୍ରହଣ କରେ । ଏହା ଶ୍ୱସନ ଓ ପାକ କ୍ରିୟାରେ ସୁପ୍ରଭାବ ପକାଏ । ଶରୀରର ଜ୍ୟୋତି ବୃଦ୍ଧିକରେ । ଏହା ବହୁ ସ୍ୱାସ୍ଥ୍ୟ ପ୍ରଦାୟକ ।

ଆସନ ପାଇଁ କିଛିଟା ସତର୍କତା ଅଛି । ସବୁ ଆସନ ସମସ୍ତଙ୍କ ପାଇଁ ସାଧାରଣ ନୁହେଁ । ବୟସ ନେଇ କେତେକ ଆସନ ଶିଶୁ ଓ ବୃଦ୍ଧଙ୍କ ପାଇଁ ମନା । ଅନ୍ୟାନ୍ୟ ଶାରୀରିକ ଅସୁବିଧା ଥିଲେ ଆସନ ମନା । ପୁନଶ୍ଚ ଆସନ ସବୁ ସମୟରେ କରାଯାଏ ନାହିଁ । ମୁଖ୍ୟତଃ ଅଧିକାଂଶ ଯୋଗ ବା ଆସନ ସକାଳେ ହେଲେ ହେଁ, କେତେକଙ୍କୁ ଅନ୍ୟାନ୍ୟ ସମୟରେ ନିର୍ଦ୍ଦିଷ୍ଟ କରାଯାଇଛି । ଏଥି ପାଇଁ ଯୋଗଗୁରୁଙ୍କ ପରାମର୍ଶ ନେଇ ଆସନ କରିବା ଭଲ ।

+ ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ
ବିକାଶ ନଗର, ଜଟଣୀ, ଖୋର୍ଦ୍ଧା,
ମୋ- ୯୯୩୮୩୪୪୧୩୮

ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଭାଗ-୧୮

ସ୍ୱର୍ଗରେ ଦେବତାମାନଙ୍କ ମଧ୍ୟରେ ଭାଳେଣି (ଶ୍ରୀରାମ ଓ ଭରତଙ୍କ ସମ୍ବନ୍ଧରେ)

ସ୍ୱର୍ଗରେ ଦେବତାମାନେ ବିଚାର କଲେ ଯଦି ଶ୍ରୀରାମ ଅଯୋଧ୍ୟାକୁ ଫେରିଯାଆନ୍ତି ତା' ହେଲେ ରାବଣର ବିନାଶ ହୋଇପାରିବ ନାହିଁ। ତେଣୁ ସେମାନେ ଚିତ୍ରକୁଟରେ ଥିବା ସମସ୍ତଙ୍କର ମନର ଭାବ ପରିବର୍ତ୍ତବ କରିବା ପାଇଁ ସରସ୍ୱତୀଙ୍କୁ ପଠାଇଲେ।

ତା'ପରେ ଶ୍ରୀରାମ ପ୍ରଥମେ କହିଲେ ମୁଁ ପିତୃ ସତ୍ୟପାଳି ନିଶ୍ଚୟ ବନବାସରେ ରହିବି । ଭରତ ମଧ୍ୟ ସେଥିରେ ସମ୍ମତି ପ୍ରକାଶ କରି କହିଲେ ଠିକ୍ ୧୪ ବର୍ଷ ଯେଉଁଦିନ ପୁରିବ ସେ ଦିନ ଯଦି ଆପଣ ଅଯୋଧ୍ୟାରେ ନ ପହଁଞ୍ଚିଛନ୍ତି, ତେବେ ମୁଁ ଆତ୍ମହତ୍ୟା କରିବି।

ଏହାପରେ ଭରତ ଅଯୋଧ୍ୟାରୁ ଯେଉଁ ଦୁଇଟି ପାଦୁକା ଆଣିଥିଲେ ତାହାକୁ ଆଣି ଶ୍ରୀରାମଙ୍କ ପାଦରେ ପୁରାଇ ଦେଇ ପୁଣି କାଢି ନେଲେ ଏବଂ ସେ ପାଦୁକା ଦ୍ୱୟକୁ ମଥାରେ ରଖି ଅଯୋଧ୍ୟାକୁ ନ ଯାଇ ପାଖରେ ଥିବା ନନ୍ଦି ଗ୍ରାମରେ ଗୋଟାଏ ସିଂହାସନ ତିଆରି କରି ସେଠାରେ ମଣ୍ଡପ ଉପରେ ପାଦୁକା ରଖି ପୂଜା କଲେ ଏବଂ ସ୍ଥିର କଲେ ଭାଇ ଶ୍ରୀରାମ ନ ଆସିବା ପର୍ଯ୍ୟନ୍ତ ସେ ଅଯୋଧ୍ୟାକୁ ଯିବେ ନାହିଁ କି ଶାସନ କରିବେ ନାହିଁ। ଲକ୍ଷ୍ମଣଙ୍କ ସ୍ତ୍ରୀ ଉର୍ମିଳା ଓ ଶତ୍ରୁଘ୍ନକୁ ରାଜ୍ୟ ଶାସନର ଦାୟିତ୍ୱ ଦିଆଗଲା ଏବଂ ଗୁରୁ ବଶିଷ୍ଠ ସେମାନଙ୍କୁ ସାହାଯ୍ୟ କଲେ।

ଶ୍ରୀରାମଙ୍କ ପଞ୍ଚବଟୀକୁ ଗମନ

ବାଲ୍ମିକୀ ଋଷିଙ୍କ ପରାମର୍ଶ ଅନୁସାରେ ଶ୍ରୀରାମ ଚିତ୍ରକୂଟରେ ରହିବା ପରେ, ବନବାସର ୧୩ ବର୍ଷ ଆରମ୍ଭରେ ପଞ୍ଚବଟୀକୁ ଗମନ କଲେ। ପଥ ମଧ୍ୟରେ ଦଶରଥଙ୍କ ବନ୍ଧୁ ଜଟାୟୁ ସହିତ ସାକ୍ଷାତ୍ ହେଲେ। ସେ ଶ୍ରୀରାମଙ୍କୁ ଚିହ୍ନି ଥିଲେ। ଶ୍ରୀରାମଙ୍କୁ ସେ କହିଲେ ପଞ୍ଚବଟୀରେ ରାବଣର ରାଜତ୍ୱ । ତାର ଭଉଣୀ ସୁର୍ପଣଖା ଏବଂ ମାଉସୀ ପୁଅ ଭାଇ ଖର-ଦୁଃଷଣ - ତ୍ରିଶିରା ତିନିଜଣ ସୈନ୍ୟ ମାନଙ୍କ ସହିତ ସେଠାରେ ଅଛନ୍ତି। ତେଣୁ ସୀତାଙ୍କୁ ଜଗିବା ପାଇଁ ସାହାଯ୍ୟ କରିବି। ଏମାନେ ବନରେ ପହଞ୍ଚିବା ପୂର୍ବରୁ ବିଶ୍ୱକର୍ମା ସେଠାରେ ୪ଟି ଘର ନିର୍ମାଣ କରାଇଲେ। ପ୍ରଥମ ଘରଟି ବଡ ଘର-ରାମ ଏବଂ ସୀତାଙ୍କ ନିବାସ ନିମନ୍ତେ। ଦ୍ୱିତୀୟ ଘରଟି ରୋଷାଇ ନିମନ୍ତେ, ତୃତୀୟଟି ଲକ୍ଷ୍ମଣଙ୍କ ନିବାସ ପାଇଁ ଏବଂ ଚତୁର୍ଥଟି ଅତିଥିଙ୍କ ନିମନ୍ତେ ନିର୍ମାଣ କରାଯାଇଥିଲା। ସେଠାରେ ବହୁତ ମୁନି ଋଷି ମାନଙ୍କ ସହିତ ଅସୁର ମାନେ ମଧ୍ୟ ବାସ କରୁଥିଲେ। ବହୁ ବାଦ ବିବାଦ ମଧ୍ୟରେ ସମୟ କଟୁଥିଲା। (କ୍ରମଶଃ)

+ ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।

ଏହି ସଂ

ବାପା

ବାପା ତୁମେ ନମସ୍ୟ

ବୈଷ୍ଣବ ମେହେର

ଏହା ନିଶ୍ଚିତ ଯେ, ଦଶମାସ ଦଶଦିନ ଗର୍ଭରେ ଧାରଣ କରି ମା' କେବଳ ଜନ୍ମ ଦିଏ ନାହିଁ ବରଂ ସନ୍ତାନର ଲାଳନ ପାଳନ କରିବାରେ ମଧ୍ୟ ମା'ର ଭୂମିକା ସର୍ବାଗ୍ରେ ରହେ । କିନ୍ତୁ ସବୁ ଜଂଜାଳକୁ ନିଜ ମୁଣ୍ଡରେ ମୁଣ୍ଡେଇ ସଂସାରକୁ ସରଗ କରିବାରେ ଦିନରାତି ଏକ କରିଦେଉଥିବା ବାପା ହେଉଛନ୍ତି ନିଜେ ଜିଅନ୍ତା ଠାକୁର। ବାପା ଯାବତୀୟ ଅଭାବ ଅନଟନ ମଧ୍ୟରେ ଥାଇ ମଧ୍ୟ ନିଜ ସନ୍ତାନର ଚାହିଦାକୁ ପୁରଣ କରିବାରେ ତିଳେ ମାତ୍ର ଅବହେଳା କରନ୍ତି ନାହିଁ। ନିଜ ପରିବାର, ପ୍ରିୟଜନଙ୍କ ପ୍ରଶାନ୍ତିରେ ଆତ୍ମସନ୍ତୋଷ ଲାଭ କରୁଥିବା ସ୍ୱାଭିମାନୀ ମଣିଷଟିଏ ବାପା। ସନ୍ତାନର ଅସୁମାରି ସୁଖ ପାଇଁ ନିଜର ଜୀବନକୁ ବାଜି ଲଗାଇବାରେ ବାପାଙ୍କ କୌଣସି ସଙ୍କୋଚ ନଥାଏ। ସେଥିପାଇଁ ତ ବାପା ସାଥିରେ ଥିଲେ ସନ୍ତାନର କିଛି ବି ଭୟ ନଥାଏ । ନିଜ ସନ୍ତାନକୁ ମଣିଷ ଭଳି ମଣିଷଟିଏ କରିବାକୁ ବାପାଙ୍କ ବଳ ବୟସ ଚାଲିଯାଏ ସିନା, ସେ କିନ୍ତୁ ଜୀବନ ତମାମ ନିଜ ପ୍ରୟାସରୁ ବିରତ ହୁଅନ୍ତି ନାହିଁ । ବାସ୍ତବରେ ବାପାଙ୍କ ସ୍ନେହ, ଶ୍ରଦ୍ଧାର ପଟାନ୍ତର ନାହିଁ। ପ୍ରକୃତରେ ଏହି ସଂସାରର ଅନେକ ଅଗ୍ନି ପରୀକ୍ଷାରେ ବାପାଙ୍କୁ ବାରମ୍ବାର ଦଗ୍ଧ ହେବାକୁ ପଡ଼ିଥାଏ। ଏକଥା ଜଣେ ଅନୁଭବ ନ କରିବା ଯାଏଁ ଜାଣି ପାରିବ ନାହିଁ। ପରିବାର ପ୍ରତି ଆସୁଥିବା ସମସ୍ତ ବିପତ୍ତି କୁ ବାପାଙ୍କ ଛାତି ହିଁ ସର୍ବପ୍ରଥମେ ସାମନା କରିଥାଏ। କହିବାକୁ ଗଲେ ସନ୍ତାନଙ୍କ ଜୀବନକୁ ସରସ ସୁନ୍ଦର ଆଉ ସୁରକ୍ଷିତ କରିବାରେ ବାପାଙ୍କ ସଙ୍କଳ୍ପବଦ୍ଧତା ପାଖରେ ଦୁନିଆଁର ସମସ୍ତ ସଂପର୍କ ଦୁର୍ବଳ ମନେ ହୁଅନ୍ତି।

ବାପା ହିଁ ସନ୍ତାନର ସର୍ବଶ୍ରେଷ୍ଠ ଶୁଭଚିନ୍ତକ। ଶିଶୁଟିଏ ବାପାଙ୍କ ସ୍ନେହ, ଶ୍ରଦ୍ଧା, ଆଦର ପାଇବାରେ ବଂଚିତ ହେଲେ ତାର ମନସ୍ତାତ୍ତ୍ୱିକ ବିକାଶ ବାଧାପ୍ରାପ୍ତ ହେବା ସହ ସାମଗ୍ରିକ ବିକାଶରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ବାପା ତ ତ୍ୟାଗର ଜୀବନ୍ତ ପରିଭାଷା। ଯିଏ ନିଜେ ବିଷ ପିଇ ନିଜ ସନ୍ତାନ ପାଇଁ ଅମୃତ ସାଇତି ରଖନ୍ତି । ଆଜି ଯାଏଁ ଯେଉଁଠି ବି ନୀତି ଆଦର୍ଶର କଥା ଉଠେ ସେଇଠି ବାପା ମାନେ ହିଁ ମନେ ପଡ଼ନ୍ତି। ପୁରାଣ ଅନୁଯାୟୀ ବାପାଙ୍କୁ ଯଥାର୍ଥ ସମ୍ମାନ ଦେବାରେ ହିଁ ଭଗବାନ ସନ୍ତୁଷ୍ଟ ହୁଅନ୍ତି। ବାପାଙ୍କ ସେବା ଦ୍ୱାରା ହିଁ ପରମପିତା ଆତ୍ମତୃପ୍ତି ଲାଭ କରନ୍ତି। ସନ୍ତାନ ମାନେ ଯଦି ମା'ଙ୍କ ଠାରୁ ସଂସ୍କାର ଶିଖନ୍ତି ତେବେ ଦୁନିଆର ପ୍ରତିଯୋଗିତାରେ ସଫଳ ହେବାର କଳା ଓ ଜ୍ଞାନ ବାପାଙ୍କ ଠାରୁ ମିଳିଥାଏ। ମୁଣ୍ଡ ଝାଳ ତୁଣ୍ଡରେ ମାରି ସନ୍ତାନଙ୍କୁ ଆହାର ଯୋଗାଇ ଦିଅନ୍ତି ବାପା। କେବଳ ପିଲା ବେଳେ ଆଙ୍ଗୁଠି ଧରି ବାଟ ଚଲାଇଦେଲେ ବାପା ମାନଙ୍କ ଦାୟିତ୍ୱ ଶେଷ ହୋଇଯାଏ ନାହିଁ, ବରଂ ସନ୍ତାନଙ୍କୁ ସୁପଥଗାମୀ କରିବାରେ ବାପା ସାରା ଜୀବନ ନିଜକୁ ନିୟୋଜିତ କରିଦିଅନ୍ତି। ସନ୍ତାର ହିତ ସକାଶେ ବେଳେ ବେଳେ ସେ କଠୋର ହୁଅନ୍ତି। ହେଲେ ସେହି କଠୋରତା ଭିତରେ ଖୁନ୍ଦି ହୋଇ ରହିଥିବା ଗଭୀର ଉଦାର ଭାବ ଯେ ବାପାଙ୍କ ଆଖି ଭିତରେ ଜକେଇ ରହିଥାଏ, ତାକୁ ଠଉରେଇବା ଭାରି ମୁସ୍କିଲ ବ୍ୟାପାର।

ନିକଟରେ କର୍ଣ୍ଣାଟକର ଏକ ଗାଁରେ ରହୁଥିବା ଗରୀବ ବାପାର ପୁତ୍ର ପ୍ରତି ଅନାବିଳ ସ୍ନେହର ଘଟଣାଟିଏ ପିତାପୁତ୍ର ସଂପର୍କକୁ ଆହୁରି ମାର୍ମିକ କରିଛି। ଆନନ୍ଦ ନାମକ ଜନୈକ ଶ୍ରମିକ ନିଜ ଅସୁସ୍ଥ ପୁଅ ନିମନ୍ତେ ପ୍ରତି ଦୁଇ ମାସରେ ଥରେ ବାଙ୍ଗାଲୋର ଯାଇ ଔଷଧ ଆଣନ୍ତି। ଗତ ମାସରେ କରୋନାଜନିତ ଲକଡ଼ାଉନ ଯୋଗୁଁ ଗାଡ଼ିମଟର ଚଲାଚଲ ବନ୍ଦ ହୋଇଯିବାରୁ ଅନ୍ୟ ଉପାୟ ନ ପାଇ ନିଜ ଗାଁ ଠାରୁ ତିନି ଶହ କିଲୋମିଟର ଦୂର ବାଙ୍ଗାଲୋରକୁ ସାଇକେଲ ଯୋଗେ ତାଙ୍କୁ ଔଷଧ୍ ଆଣିଯିବାକୁ ହେଲା। ଜଣେ ଦିନ ମଜୁରିଆ ଭାବରେ ଖଟିଲେ ଦୁଇ ଓଳି ଦୁଇ ମୁଠା ଖାଇବାକୁ ପାଉଥିବା ଏହି ଶ୍ରମିକ ବାପା ଦୀର୍ଘ ଛଅ ବର୍ଷ ହେଲା ପୁଅର ଚିକିତ୍ସାରେ କୌଣସି ଅବହେଳା କରି ନାହାନ୍ତି। ଏହା ହିଁ ତ ଜଣେ ବାପାର ନିସ୍ୱାର୍ଥ ଓ ନିସର୍ତ୍ତ ଭଲ ପାଇବା। ଜୀବନସାରା ସନ୍ତାନର ସୁଖରେ ଦୁଃଖରେ ବରଗଛ ସମ ଛତ୍ରଛାୟା ପ୍ରଦାନ କରି ଆସୁଥିବା ବାପାଙ୍କ ଅପାର ତ୍ୟାଗକୁ ସମ୍ମାନ ଦେବାକୁ ପ୍ରତିବର୍ଷ ଜୁନ ମାସର ତୃତୀୟ ରବିବାରକୁ ସାରା ବିଶ୍ୱରେ 'ପିତୃ ଦିବସ' ଭାବରେ ପାଳନ କରାଯାଉଛି। ବିଶ୍ୱ ପିତୃ ଦିବସ ପାଳନର ପରିକଳ୍ପନା ପ୍ରଥମେ ଆମେରିକାରେ ଆରମ୍ଭ ହୋଇଥିବା ଜଣାଯାଏ। ସେଠାକାର ସୋନୋରା ସ୍ମାର୍ଟ ଡୋଡ଼ ନାମକ ଜଣେ ବ୍ୟକ୍ତି ଛୋଟ ବେଳୁ ନିଜ ମା'ଙ୍କୁ ହରାଇ ବାପାଙ୍କଠାରୁ ଉଭୟ ମା' ଓ ବାପାଙ୍କ ସ୍ନେହ, ଶ୍ରଦ୍ଧା ପାଇ ପ୍ରତିପାଳିତ ହୋଇଥିଲେ। କୃଷକ ବାପା ଓ୍ୱିଲିୟମ୍ କେତେ କଷ୍ଟ

ସ୍ୱୀକାର କରି ତାଙ୍କୁ ବଢ଼େଇଲେ, ତାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ବଡ଼ ହେଲା ପରେ ସୋନୋରା ଚର୍ଚ୍ଚରେ ମା' ମାନଙ୍କ ମହତ୍ୱ ବିଷୟରେ ଅନେକ କଥା ଶୁଣନ୍ତି। ଯେଉଁଥିରେ ମା' ମାନଙ୍କୁ ଯେଉଁ ଭଳି ସମ୍ମାନ ଓ ପ୍ରଶଂସା ମିଳୁଥିଲା, ସେହିଭଳି ସମ୍ମାନର ହକଦାର ବାପା ମାନେ ମଧ୍ୟ ଅଟନ୍ତି ବୋଲି ସେ ଅନୁଭବ କରିଥିଲେ। ଏହା ପରେ ବାପାଙ୍କୁ ଉଚିତ ମର୍ଯ୍ୟାଦା ଦେବାକୁ ତାଙ୍କ ବାପାଙ୍କ ଜନ୍ମଦିନରେ ସେ ' ଫାଦର୍ସ ଡେ' ପାଳନ ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ୧୯୧୦ ମସିହା ଜୁନ ୧୯ରେ ୱାଶିଂଟନରେ ଏହି ଦିବସ ପାଳନ କରାଯାଇଥିଲା। ପରବର୍ତ୍ତି ସମୟରେ ଆମେରିକାର ରାଷ୍ଟ୍ରପତି ଲିଣ୍ଡନ ଜନସନ୍ ଜୁନ ମାସ ତୃତୀୟ ରବିବାରକୁ ଫାଦର୍ସ ଡେ ଭାବରେ ପାଳନ ପାଇଁ ସ୍ୱୀକୃତୀ ଦେଇଥିଲେ। କିନ୍ତୁ ୧୯୭୨ ମସିହାରେ ଏହି ଦିବସକୁ ଆନୁଷ୍ଠାନିକ ଭାବରେ ପାଳନର ଘୋଷଣା କରାଯାଇଥିଲା ।

ଯଦିଓ ମା' ଓ ବାପା ଉଭୟେ ଉଭୟଙ୍କ କ୍ଷେତ୍ରରେ ସ୍ୱତଂତ୍ର ଓ ଅତୁଳନୀୟ। ତଥାପି ମା' ମାନଙ୍କ ମହତ୍ୱ ବର୍ଣ୍ଣନାର ଭିଡ଼ ଭିତରେ ବାପା ମାନେ ଯେମିତି ଅଣଦେଖା ହୋଇ ନ ଯାନ୍ତି, ଏବଂ ବାପାଙ୍କ ମହାନୀୟ ଅବଦାନକୁ ସନ୍ତାନ ମାନଙ୍କ ମଧ୍ୟରେ ଉଜ୍ଜିବିତ ରଖିବାର ଉଦ୍ଦେଶ୍ୟ ହିଁ ଏହି ଦିବସ ପାଳନରେ ନିହିତ ଓ ପରିସ୍ଫୁଷ୍ଟ। ଅବଶ୍ୟ ଭାରତୀୟ ସଂସ୍କୃତିରେ ପିତୃ ପୂଜାର ପରମ୍ପରା କେଉଁ ଅନାଦି ଯୁଗରୁ ଚଳି ଆସୁଛି। ଆମ ସଭ୍ୟତାରେ ତ ବାପା ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି ବାର ନାହିଁ ବରଂ ବାପାଙ୍କ ବିଶାଳତା ସାମନାରେ ସାରା ବର୍ଷ କଣ ତମାମ ଜୀବନର ସେବା ଓ ସମ୍ମାନ ଖୁବ କମ ପ୍ରତିତ ହୁଏ।

+ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

ବାପା...

ସୁରଞ୍ଜନ ପାତ୍ର

ଭାଗ୍ୟକୁ ଯିଏ ଭାଗଭାଗ କରି
ଜାଳୁ ଥାଏ ଦୀପ ଶିଖା
ପାପୁଲି ରେ ଯା'ର
ହସୁ ଥାଏ ମୋର
ଜୀବନର ଖୁସି ରେଖା ।

ମାଟି ବଇକୁଣ୍ଠେ
ସେଇ ମୋ ଈଶ୍ୱର
ଚିର ପୂଜ୍ୟ ମୋର ବାପା
ଚିର ପୂଜ୍ୟ ମୋର ବାପା ।

ଧାନ ଫୁଲ ଓଠେ
ମୋ ଓଠର ଖୁସି
ହିଡ଼େ ବସି ଯିଏ ଦେଖେ
ସୁଖକୁ ମୋହର ଅମାର ଭିତରେ
ଭରଣ କରି ଯେ ରଖେ ।

ନିଜ ସୋହାଗର
ଚାନ୍ଦିନୀ ରାତିକୁ
ସିଜୁ ବାଡ଼େ ଟାଙ୍ଗି ଦେଇ
ଯିଏ ଖୋଜୁ ଥାଏ
ମୋ ପାଇଁ ସରାଗ
ନିତି ଉଜାଗର ରହି ।

ସେଇ ମୋ ଆକାଶ
ସେଇ ମୋ ପୃଥିବୀ
ସେଇ ମୋ କପାଳେ ଟିପା
ମାଟି ବଇକୁଣ୍ଠେ ସେଇ
ମୋ ଈଶ୍ୱର
ଚିର ପୂଜ୍ୟ ମୋର ବାପା
ଚିର ପୂଜ୍ୟ ମୋର ବାପା ।

ସଂସାର ଖଳାରେ ମହୀଖୁଣ୍ଟ ପରି
ସଦା ଯେ ମୋ ପାଇଁ ଠିଆ
ପିଠିରେ ଝୁଲାଇ
ବେଦନା ପ୍ରହ୍ଲାଣ
ମୋତେ ଦେଉଥାଇ ରାହା ।

ଝାଟିମାଟି ଘେରା
କାନ୍ଥକୁ ଆଉଜି
ବତାଉ ଥାଏ ଯେ ପଥ
ଘଡ଼ିରୁ ଦି' ଘଡ଼ି ନ
ଦେଖିଲେ ମୋତେ
ରୁଚେନା ଯାହାକୁ ଭାତ।

ସେଇ ମୋର ପୁଣ୍ୟ
ସେଇ ଚାରି ଧାମ
ସେଇ ମୋର ପ୍ରଭୁ କୃପା
ମାଟି ବଇକୁଣ୍ଠେ ସେଇ
ମୋ ଈଶ୍ୱର
ଚିର ପୂଜ୍ୟ ମୋର ବାପା
ଚିର ପୂଜ୍ୟ ମୋର ବାପା ।

+ନୂଆଗାଁ,ଶିଙ୍ଗାଖୁଣ୍ଟା,
ସୋର,ବାଲେଶ୍ୱର-୪୫
ମୋ-୮୧୧୭୮୦୫୯୫୯

ବାପା...

ଡ. ମନୋରଞ୍ଜନ ବିଷୋୟୀ

ବାପା... ନିଜ ସୁଖକୁ ମାଟି କରି
ଆମକୁ ବଡ଼ କରିଛ
ନିଜ ରକ୍ତକୁ ପାଣି କରି
ଦିନରାତି ଆମ ପାଇଁ ଖଟିଛ
ଆମେ କିଛି ମାଗିବା ଆଗରୁ
ସବୁକିଛି ଯୋଗାଇ ଦେଇଛ
ଆମକୁ କୋଳେ ଧରି
କେତେ ଗପ କହିଛ
ଆଉ କାନ୍ଧେ ଧରି
ଜହ୍ନମାମୁଁ ଦେଖାଇଛ
ବାପା... ତୁମ କାନ୍ଧଠୁ
ନିରାପଦ ଜାଗା ବାଲ୍ୟକାଳେ
ଆମ ପାଇଁ ଆଉକିଛି
ଏ ଜଗତେ ନଥିଲା ତ
ଆମେ ଦୁଷ୍ଟ ହେଲେ
ଆଖି ଦେଖାଇ
ଆମକୁ ଶାସନ କରିଛ
ଆମ ଆପଦ ବିପଦରେ
ତୁମେ ସାହା ହୋଇଛ
ଆସୁ ଯେତେ ଦୁଃଖ
ତୁମେ ଭରସା ଦେଇଛ
ଆମକୁ ସୁଖରେ ରଖିବାକୁ
ଋଣ ଭାର ସହିଛ
ଆମ ଅଜାଣତେ
କେତେ ଲୁହ ଝରାଇଛ
ଆମେ କାଳେ
ଜାଣିଯିବୁ ଭାବି
ମଧ୍ୟବିତ୍ତ ଲୋକର
ନିଅଣ୍ଟିଆ ହସ ହସିଛ
ବାପା ଏପରି କରି
ତୁମେ କ'ଣ ପାଇଛ ?
କେବଳ ଆମ ଶୈଶବର ଅର୍ଦ୍ଧଳି
କୈଶୋରର ଦାବି
ଆଉ ଯୌବନର
ଅଭିମାନ ସହିଛ ।
ସବୁବେଳେ ଆମ କଥା ଚିନ୍ତା କରି
ତୁମେ ବ୍ୟାଧିଗ୍ରସ୍ତ ହୋଇଛ
ରକ୍ତଚାପ ମଧୁମେହ
ସାଥେ ଧରି କାଳ କାଟୁଛ
ଏବେ ତ ଚାକିରିରୁ
ଅବ୍ୟାହତି ନେଇଛ
ସବୁଦିନ ଏବେ ତୁମେ
ଛୁଟିଦିନ ରୂପେ ପାଇଛ
ତୁମ ସ୍ୱାସ୍ଥ୍ୟ ଚିନ୍ତା ଛାଡ଼ି
ଏବେ ବି ଏ ପରିଣତ ବୟସରେ
ଆମ ପାଇଁ କାହିଁକି
ଏତେ ଚିନ୍ତା କରୁଛ ?

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ:୮୮୯୫୧୪୧୭୨୭

ବାପା...

ରତ୍ନକାନ୍ତି ମିଶ୍ର

ବାପା ଏକ ଛୋଟ ଶବ୍ଦ
ସରଳ ସୁନ୍ଦର
ବିଶ୍ୱାସର ଅନ୍ୟ ଏକ ନାମ
ସମ୍ପର୍କର ଅଲିଭା ସ୍ୱାକ୍ଷର ।

ବକ୍ର ପରି କଠୋର ଅନୁଶାସନ
ଫୁଲ ପରି କୋମଳ ହୃଦୟ
ସଦାବ୍ରତ ନୀତିନିଷ୍ଠ
ମିଶ୍ରରାଗର ଅଙ୍କୁରିତ ସ୍ୱର ।

ଅବ୍ୟକ୍ତ ସଦିଚ୍ଛା,
ଶୁଭେଚ୍ଛାର ମନୋଜ୍ଞ ଝଙ୍କାର
ଆଶିର୍ବାଦର ମହୋଦଧି
ଉତ୍ସାହର ଅବିଶ୍ରାନ୍ତ ଉତ୍ସ ପୁଣି
ଚେତନାର ଶ୍ରେଷ୍ଠ ଉଦବୋଧକ।

ନିଦାଘରେ ନିଜେ ଜଳି
ଯାଚିଦିଏ ଛାଇ ବା ମଳୟ
ସଦା ଜାଗରିତ, ଗଢିତୋଳେ
ସୁରକ୍ଷାର ସୁଦୃଢ ବଳୟ ।

ଆରମ୍ଭରୁ ଅନ୍ତଯାଏ
ହୃଦୟରେ ଉଜାଟିତ
ନିର୍ଲିପ୍ତ ସଙ୍ଗୀତ
ବାର ବାର ତଳେ ପଡି
ପୁଣି ଉଠି ଆକାଶକୁ ଛୁଇଁବାର
ଦୁର୍ବାର ସାହସ
ଝଡ ସଙ୍ଗେ ଯୁଝୁଥିବା
ନିଗୁଢ ସେ ବିନ୍ଦୁ ବିନ୍ଦୁ
ସ୍ୱେଦର ନିର୍ଯ୍ୟାସ
ବାପା ଏକ ମିଠା ସମ୍ବୋଧନ
ସହଜ, ସଂକ୍ଷିପ୍ତ...!!!

+ଆଳି,କେନ୍ଦ୍ରାପଡା

ପିତୃତ୍ୱର ପରିଭାଷା

ସୌଭାଗ୍ୟ ରଂଜନ ମହାନ୍ତି



ବାସ୍ତବତଃ ବାପାଟିଏ ଏଇ ମାନସିକତାରେ ତା'ର ଭବିଷ୍ୟମାନଙ୍କୁ ତିଆରି କରିଥାଏ କି ? ବେଳେବେଳେ ରାଗ ଅଥବା ପ୍ରେମରେ ଅନ୍ଧ ବାପା, କାହାକୁ କୁପୁତ୍ର, ନହେଲେ ସୁପୁତ୍ର କହିଥାଏ। ବାପା'ର ଅହଂକାରକୁ ବହୁ ଗୁଣିତ କରିପାରୁଥିବା ପୁଅମାନେ କାଳେ ସୁ ପୁତ୍ର ଏବଂ ଅସ୍ୱୀକାର କରୁଥିବା ପୁଅମାନେ କାଳେ କୁ ପୁତ୍ର। ଏକ ବିଚିତ୍ର, ମାନସିକତା ଏହାମାତ୍ର। ଗୋଟିଏ କଥା ସ୍ପଷ୍ଟ ଯେ କେହି ସୁ ପୁତ୍ର କି କୁ ପୁତ୍ର ହୋଇ ଜନ୍ମ ନେଇ ନଥାନ୍ତି। ପିତୃତ୍ୱ ହିଁ ହିଁ ତାକୁ ସୁପୁତ୍ର କିମ୍ବା କ ପୁତ୍ର କରି ଦେଇଥାଏ। ମୁକ୍ତ ଜୀବନର ବୀଜ ମନ୍ତରେ ତା' ଚେତନାକୁ ଦୀକ୍ଷିତ କରିଦେଇ ପାରିଲେ ସେ ହୋଇଯାଏ ମଣିଷ ଏବଂ ସଂକୀର୍ତଣତା ବିଷରେ ସଂକ୍ରମିତ ତା' ଚେତନା ତାକୁ କରିଦିଏ ପଙ୍ଗୁ। ପ୍ରକୃତ ପିତୃତ୍ୱ ତା'ର ଭବିଷ୍ୟତମାନଙ୍କୁ(ପୁଅ ମାନଙ୍କୁ) ଠିଆ କରେଇ ଦିଏ ନୀଳ ସମୁଦ୍ର କୂଳରେ। କହେ ଯା, ପହଁରେ ଯା ଆର ପାରିକୁ। ଅସୀମ ଆକାଶ ଧାଡକୁ ମୁଣ୍ଡ ଟେକି କହେ ଯା ସୀମାହୀନ ଶୂନ୍ୟତାର ସେପାରି ଉଡି ଯା। ଘନ ଜଙ୍ଗଲ ଓ ପାହାଡ ପର୍ବତର ଉପତ୍ୟକାରେ ଠିଆ ହୋଇ ଆର ପାଖକୁ ହାତ ବଢେଇ ଦିଏ କହେ - ସେ ପଟ ଭୂମିରେ ପାଦ ରଖ। ଜୀବନ ଆଉ କିଛି ନୁହଁ - ଏକ ଯାତ୍ରା - ଏ ଭୂମିରୁ ସେ ଭୂମିକୁ। ମାତ୍ର, ଆମମାନଙ୍କ ଭିତରୁ କେତେ ଜଣ ବାପା ଭବିଷ୍ୟତମାନଙ୍କ ଚେତନାରେ ଏହି ଅନାତଙ୍କିତ ଜୀବନ ମନ୍ତ୍ର ସଂଚରି ଦେଇଛନ୍ତି ? ସତରେ କେତେ ଜଣ ? ଅଧିକ ସଂଖ୍ୟକ ବରଂ କହିଛନ୍ତି - ତୁ ମୋର, ମୁଁ ତୋର। ଏ ଘର ମୋର। ଚାଲ, ଆମେ ଏଇ ଘର କବାଟ ଝରକା ମାନ କିଳି ଦେଇ କୋଳାହାଳ କରିବା। ଯଦି ପୁରାଣର ସେଇ କଳ୍ପିତ କାହାଣୀ ପେଡି ଖୋଲିବା ଗୁରୁ-ଯଯାତିଙ୍କ କଥା। ଜଣେ କାମନା-ପିଡିତ ବୟସ୍କ ବାପା ଖୋଜୁଛି ତାରୁଣ୍ୟ ଏବଂ ପୁଅ ନିର୍ବିକାର ଭାବେ ସମର୍ପଣ କରି ଦେଉଛି ନିଜର ସ୍ୱର୍ଗୀୟ ଯୌବନ ପର୍ଶୁରାମ ଓ ବ୍ରହ୍ମାଙ୍କ କଥା ଦେଖିଲେ ପର୍ଶୁରାମ, ବ୍ରହ୍ମାଙ୍କର ଅନ୍ୟତମ ଅବତାର ତାଙ୍କ ବାପା ଋଷି, ସମ ଦଗ୍ନି ମାଙ୍କୁ ଅସତୀର ଅପଦୁଆ ଦିଅନ୍ତି। ଚାରି ପୁଅକୁ କୁହନ୍ତି ମାର ମୁଣ୍ଡ କାଟି ଆଣିବା ପାଇଁ। ତିନି ନୁଅ ନୀରବ। ମାତ୍ର ପିତୃ ବାକ୍ୟ ପାଳନ ପାଇଁ ଆଗେଇ ଆସନ୍ତି ପର୍ଶୁରାମ। ଗୋଟିଏ ହାତରେ ପିତୃ ବାକ୍ୟ ଅନ୍ୟ ପଟରେ ମା'ର ମମତା। ମାତ୍ର ମା' ହିଁ ତ ଶିଖେଇ ଥିଲା ପୁଅକୁ ବଚନ ରଖିବାର ମନ୍ତ୍ର। ପୁତ୍ରର ପିତୃ ଭକ୍ତିରେ ପିତା ଏବେ ତୃପ୍ତ। ବର ଯାଚଞ୍ଚା କରନ୍ତି। ପର୍ଶୁରାମଙ୍କର ଭିକ୍ଷା ମା'ଙ୍କର ଜୀବନ। ଏବେ ବାପା ଓ ମା' ଙ୍କ ମୁହଁରେ ହସ। ମଝିରେ ପୁଅ, ପୁଅ ପର୍ଶୁରାମ। ନଚିକେତା ପୁଅର ବାପାଙ୍କୁ ବହୁ ଅବୁଝା ପ୍ରଶ୍ନ। ପ୍ରଶ୍ନ ପରେ ପ୍ରଶ୍ନରେ ବିରକ୍ତି ପ୍ରକାଶ କରିଥିବା ପିତା। ନଚିକେତାଙ୍କୁ କୁହନ୍ତି ଯା ତତେ ଯମକୁ ଦେଲି ଯା ଏବେ। ନଚିକେତା କୋମଳ-ଅବୋଧ ବାଳକ। ପିତାଙ୍କ ବାକ୍ୟ ମାନିବାକୁ ହେବ ଏତିକି ହିଁ ତାକୁ ଜଣା। ପିତୃ ବାକ୍ୟ - ପୁଣି ଅସତ୍ୟ ହେବ କେମିତି ? ନଚିକେତାର ଯାତ୍ରା ଏକାକେ ମରଣ ମୁହଁକୁ। ପହଂଚିଛି ଯାଇ ଯମଲୋକରେ। ଦେଖି ଆଶ୍ଚର୍ଯ୍ୟ ଯମରାଜା କେମିତି ଏହା ସମ୍ଭବପର ହୋଇ ପାରିଲା ନଚିକେତାର ସରଳତାରେ ମୁଗ୍ଧ ହେଲେ ଯମରାଜ। ଉଭୟଙ୍କ ମଧ୍ୟରେ ଜୀବନ ଏବଂ ଜଗତ ସମ୍ପର୍କରେ ଦୀର୍ଘ ସମୟ ଧରି ଚାଲି ଥିଲା କଥୋପକଥନ। ଏଇ କୁନି ବାଳକର ସତ୍ୟନିଷ୍ଠାକୁ ପ୍ରଶଂସା ନକରି ରହିପାରିନଥିଲେ ଯମ ରାଜା। ଅସହାୟ ପିତୃ ବାକ୍ୟ ରକ୍ଷା କରି ଆଜି ଆସି ଏଇ ଲୋକରେ। ପିତୃ ବାକ୍ୟ ପାଇଁ କି ଅନବିଳ ତ୍ୟାଗ।

କିନ୍ତୁ କାହିଁକି କେଜାଣି, ଆଜିର ଏଇ ବସ୍ତୁବାଦୀ ଦୁନିଆରେ ବାପା ପୁଅ ସମ୍ପର୍କରେ ଗ୍ରହଣ ଲାଗିଯାଇଛି। ବାପ ପୁଅ ସମ୍ପର୍କ ସଙ୍କୁଚିତ ହେବାରେ ଲାଗିଛି। ବାପା ବୁଢା ହେଲେ ଅଲୋଡା ହୋଇଯାଉଛି। ଏକା ଛାତ ତଳେ ଥାଇ ବି ଅଲଗା ଅଲଗା ଚୁଲି ଅବା ହାଣ୍ଡି। ଏକ ସହରରେ ଥାଇ ବି ଅଲଗା ଅଲଗା ଘର। ହାତକୁ ଦୁଇ ହାତ ହେଲା ପରେ ବିଦେଶ ଗସ୍ତ। ଏପରିକି ବାପାଙ୍କର ଦେହ ଖରାପ ତଥା ଗୁରୁତର ହେଲେ ବି ନଆସିପାରିବା ଇତ୍ୟାଦି ନିଃସଙ୍ଗ ଜୀବନ ଯାପନ। ମେଟ୍ରୋ ପଲିଟନ୍ ସିଟିରେ ଥିଲେ ବି କଣ ହେବ ? ଚୋର ଡକାୟତର ଭୟ, ଦିନବେଳା ବି ନିରାପଦ ନୁହେଁ ଜୀବନ। କେହି କେହି ଜରା ନିବାସରେ ଦିନ କଟାଇଥାନ୍ତି। ଦୁର୍ବିସହ ହୋଇପଡେ ଜୀବନ। ଯେଉଁ ବାପା ମାଆ ଜୀବନ ସାରା କଷ୍ଟ ସହି ତା'ର ପିଲାଙ୍କୁ ମଣିଷ କରିବା ପାଇଁ ସବୁ କିଛି ତ୍ୟାଗ କରି ଦେଇଛନ୍ତି କିଏ ଜାଣିଥିଲା ପରିଶେଷରେ ଏଭଳି ହେବ ବୋଲି। ସେଇ ପୁଅ କଣ ଦିନେ ବାପ ହେବନା ନା ନାହିଁ? ବାପା ମଲା ପରେ ଏପରିକି ବିଦେଶରେ ଥିବା ପୁଅ କ୍ରିୟା କର୍ମ କରିବାକୁ ଆସିବାକୁ ଅସମର୍ଥ ପ୍ରକାଶ କରି ଅନ୍ୟ କିଏ କରିଦେବାକୁ କହି, ଟଙ୍କା ପଠାଇ ଦେବାକୁ କହିଥାଏ। ଏକ ଧାବି ଆଖିରେ ଦେଖାଯାଇଛି ଜୀବନ ସାରା ବାପାଙ୍କ ଲୁହର କାରଣ ପାଲଟି ଥିବା ପୁଅମାନେ ତାଙ୍କ ସ୍ୱର୍ଗ ପ୍ରାପ୍ତି ପାଇଁ ତୀର୍ଥ ଜଳ (ଗଙ୍ଗା ନଦୀରେ)ରେ ଅସ୍ଥି ବିସର୍ଜନ କରିଆସନ୍ତି। ବିରାଟ ଭୋଜିଭାତର ଆୟୋଜନ, ପିତା ପ୍ରିତୀର ପ୍ରମାଣ ଥିବା ସମାଜକୁ ଦେବାକୁ ଚାହାନ୍ତି। ଅବଶିଷ୍ଟ ଜୀବନ ଆଉ ଯେପରି ବାପାଙ୍କ ମଲା ଦିନକୁ ମନେ ପକାଇବା ଦରକାର ପଡିବନି।

ଯେଉଁ ମାନଙ୍କର ଭବିଷ୍ୟତ ଗଢଣରେ ସେମାନଙ୍କର (ପିତା ମାତାଙ୍କର) ସକଳ ଶ୍ରମ ଓ ରକ୍ତ ସମର୍ପିତ ଏହା ଥିଲା କଣ ସର୍ବଶେଷରେ ତାଙ୍କର ପ୍ରାପ୍ୟ ? ଏଇସବୁ ଦେଖିଲେ ପିତୃତ୍ୱ ଓ ସନ୍ତାନତ୍ୱର ସମ୍ପର୍କରେ ଗ୍ରହଣ ଲାଗିଲା ପରି ମନେ ହୁଏ। ପ୍ରଶ୍ନବାଚୀ ସୃଷ୍ଟି ହୁଏ ପିତୃତ୍ୱ ଓ ସନ୍ତାନତ୍ୱର ସମ୍ପର୍କରେ। ଭୂଲ କେଉଁଠି ରହିଲା ? ଖୋଜିବାକୁ ସମୟ ନାହିଁ ବ୍ୟସ୍ତ ବହୁଳ, ବାସ୍ତୁବାଦୀ ଜୀବନରେ। ଏତିକି କହି ହେବ ଏହା ଯେ ସବୁ ଘର ତଥା ପରିବାର ଦୃଶ୍ୟ, ତ

କରୋନା ସମୟରେ ଆଶାର ଆଲୋକ ୟୁବିଏସ୍‌ଏସ୍

ଭୁବନେଶ୍ୱର,୨୦/୬ (ନି.ପ୍ର): ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ସାରା ରାଜ୍ୟରେ ତାଲା ବନ୍ଦ ଚାଲୁ ରହିଛି । ଏହି ସମୟରେ ଉତ୍କଳ ବିପନ୍ନ ସହାୟତା ସମିତି ବା ୟୁବିଏସ୍‌ଏସ୍ ତରଫରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଭୁବନେଶ୍ୱର ମହାନଗର ସଂଯୋଜନାରେ ୧୦ ପ୍ରକାର ସେବା କାମ କରାଯାଉଛି । ଫୋନ ମାଧ୍ୟମରେ କରୋନା ରୋଗୀ ଓ ତାଙ୍କ ଆତ୍ମୀୟସ୍ୱଜନମାନଙ୍କୁ ବିନା ମୂଲ୍ୟରେ ବିଶିଷ୍ଟ ଡାକ୍ତରମାନଙ୍କ ଦ୍ୱାରା ଚକିତ୍ସା ପରାମର୍ଶ ଯୋଗାଇ ଦିଆଯାଉଛି । ଜୁନ ୧୫ ତାରିଖ ସୁଦ୍ଧା ୪୧୨ ଜଣ ଲୋକ ବିଭିନ୍ନ ରୋଗ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ଡାକ୍ତରମାନଙ୍କ ଠାରୁ ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ନେଇଛନ୍ତି । ଏହି କାର୍ଯ୍ୟରେ ୩ ଜଣ ସ୍ୱୟଂସେବକ ସହଯୋଗ କରୁଛନ୍ତି । ଏହି ସମୟରେ ଯେଉଁ ରୋଗୀମାନଙ୍କର ମେଡିକାଲକୁ ଯିବାର ଆବଶ୍ୟକତା ଅଛି, ସେମାନେ ମେଡିକାଲକୁ ଯାଇ ପାରୁନାହାଁନ୍ତି । ଏହିଭଳି ୮୮ ଜଣ ରୋଗୀଙ୍କୁ ମେଡିକାଲରେ ପହଁଚା ଯାଇଛି । ଏହି କାର୍ଯ୍ୟ ପାଇଁ ୫ ଜଣ ସ୍ୱୟଂସେବକ କାର୍ଯ୍ୟରତ ଅଛନ୍ତି । କରୋନା ଦିନକୁ ଦିନ ଯେତେ ଭୟାବହ ହେବାକୁ ଲାଗିଛି, ସେତିକି ସଚେତନତା କାର୍ଯ୍ୟକ୍ରମ ମାନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଭୁବନେଶ୍ୱର ମହାନଗର ତରଫରୁ କରାଯାଉଛି । ସାମାଜିକ ଗଣମାଧ୍ୟମ ଓ ଭର୍ଚ୍ୟୁଆଲ ମାଧ୍ୟମରେ ଜନଜାଗରଣ କରାଯାଇଛି । କିପରି ମୁହଁରେ ମାସ୍କ୍‌ବାନ୍ଧିବା ସହିତ ସାମାଜିକ ଦୂରତା ରକ୍ଷାକରିବା, ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ ହେବା ପାଇଁ ପରାମର୍ଶ ଦିଆ ଯାଇଛି । ଏଥିସହିତ୨୫ ଜଣ ସ୍ୱୟଂସେବକଙ୍କ ଦ୍ୱାରା ବିଭିନ୍ନ ସମୟରେ ୧୯୨୦ ମାସ୍କ ବିତରଣ କରାଯାଇଛି । ଟିକା ନେବା ପାଇଁ ଜନ ଜାଗରଣ କରାଯିବା ସହିତ ୧୦ ଜଣ ସ୍ୱୟଂସେବକ ୭୧୦ ଜଣଙ୍କୁ ଟିକା ନେବାରେ ସହାୟତା କରିଛନ୍ତି । ସଂଘ ତରଫରୁ ଅକ୍ସିଜେନ ସିଲିଣ୍ଡର ଓ କନ୍‌ସଟେନଟର ଦ୍ୱାରା ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟରେ ୨ ଜଣ ସ୍ୱୟଂସେବକ ଥିବା ବେଳେ ୬ ଜଣଙ୍କୁ ଉକ୍ତ ସହାୟତା ଯୋଗାଇ ଦିଆଯାଇଛି । ଯେଉଁ ପରିବାରରେ ସମସ୍ତେ କରୋନାରେ ଆକ୍ରାନ୍ତ ହୋଇଛନ୍ତି, ରାସ୍ତାରେ ବୁଲୁ ଥିବା ଲୋକ, ପ୍ରବାସୀ ଶ୍ରମିକ, କରୋନା ରୋଗୀ ଏହିପରି ୭୯୩ ଜଣଙ୍କୁ ୧୭ ଜଣଙ୍କ ଦ୍ୱାରା ରନ୍ଧାଖାଦ୍ୟ ସେମାନଙ୍କ ନିକଟରେ ପହଁଚା ଯାଇଛି । ୩୫ଟି ପରିବାରରେ ରାସନ ସାମଗ୍ରୀ ୧୦ ଜଣ ସ୍ୱୟଂସେବକମାନଙ୍କ ଦ୍ୱାରା ଏବଂ ୧୧୮ ଜଣଙ୍କୁ ଆୟୁଷ-୬୪ ଔଷଧ ୩୦ ଜଣ ସ୍ୱୟଂସେବକଙ୍କ ମାଧ୍ୟମରେ ପହଁଚା ଯାଇଛି । ୧୦ ଜଣ ସ୍ୱୟଂସେବକମାନଙ୍କ ଦ୍ୱାରା ୪୦୦୦ କାଢା ବିଭିନ୍ନ ସ୍ଥାନରେ ପ୍ରଦାନ କରାଯାଇଛି । ସଂଘ ଦ୍ୱାରା ସଂଘରୋଧ କେନ୍ଦ୍ର ପରିଚାଳିତ ହେଉଛି । ଯେଉଁ ରୋଗୀମାନେ ମେଡିକାଲରୁ କୋଭିଡ-୧୯ରୁ ଭଲ ହୋଇ ଫେରୁଛନ୍ତି, ସେମାନଙ୍କର ସଂଘ ରୋଧରେ ରହିବା ପାଇଁ ସୁବିଧା ନାହିଁ । ସେହିପରି ୬ ଜଣ ରୋଗୀଙ୍କୁ ଏହି କେନ୍ଦ୍ରରେ ରଖା ଯାଇ ୧୦ ଜଣ ସ୍ୱୟଂସେବକମାନଙ୍କ ଦ୍ୱାରା ସମସ୍ତ ପ୍ରକାର ସେବା ଯୋଗାଇ ଦିଆଯାଉଛି । ଜୁନ ୧୫ ତାରିଖ ସୁଦ୍ଧା ଆର ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ୧୨୨ ଜଣ ସ୍ୱୟଂସେବକମାନଙ୍କ ମାଧ୍ୟମରେ ୮୦୮୮ ଜଣଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଛି ।

ଦୁର୍ବିପାକ ଉପରେ ବିଜେପିର ରାଜନୀତି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ : ବିଜେଡି

ଭୁବନେଶ୍ୱର,୨୦/୬ (ନି.ପ୍ର): ବାତ୍ୟା, ବନ୍ୟା ଓ କୋଭିଡ ମହାମାରୀ ଭଳି ଦୈବୀ ଦୁର୍ବିପାକ ଉପରେ ରାଜନୀତି କରାଯିବା ଉଚିତ ନୁହେଁ କି ବିଜୁ ଜନତା ଦଳ ଏଥିରେ ଆଦୌ ବିଶ୍ୱାସ କରେନାହିଁ । ହେଲେ ଦୁର୍ଭାଗ୍ୟର ବିଷୟ ଯେ ଓଡିଶା ବିଜେପିର ବିଧାୟକମାନେ କୋଭିଡ ମହାମାରୀକୁ ନେଇ ଯେଭଳି ନିମ୍ନମାନର ରାଜନୀତି କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ଆମେ ଆଶା କରିଥିଲୁ ବିଧାୟକ ମୋହନ ମାଝୀ ତାଙ୍କ ବକ୍ତବ୍ୟରେ ଆଜି ଓଡ଼ିଶାର କୋଭିଡ ଯୋଦ୍ଧାଙ୍କୁ ସେମାନଙ୍କର କଠିନ ପରିଶ୍ରମ, ତ୍ୟାଗ ଓ ବଳିଦାନ ପାଇଁ ସାଧୁବାଦ ଜଣାଇବେ । ହେଲେ ସେ ସେଭଳି କିଛି କଲେ ନାହିଁ । ସଫଳ କୋଭିଡ ପରିଚାଳନା ପାଇଁ ଓଡିଶା ସବୁ ମହଲରେ ପ୍ରଶଂସିତ ହେଉଛି ବୋଲି ଶ୍ରୀ ମାଝୀ ଭଲ ଭାବରେ ଜାଣିଛନ୍ତି । ହେଲେ ଏଭଳି ସମୟରେ ରାଜନୀତି କରିବା ପାଇଁ ଜାଣିଶୁଣି ଏହାକୁ ଅଣଦେଖା କରୁଛନ୍ତି । କୋଭିଡ ପରିଚାଳନାରେ ଓଡିଶା ଭାରତ ବର୍ଷର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠତା ପ୍ରଦର୍ଶନ କରୁଥିବାବେଳେ ବିଜେପି କିନ୍ତୁ କୋଭିଡ ମହାମାରୀକୁ ନେଇ ଶସ୍ତା ରାଜନୀତି କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । କରୋନା ଭଳି ବିଶ୍ୱ ମହାମାରୀକୁ ନେଇ ଶସ୍ତା ରାଜନୀତି କରୁଥିବା ବିଜେପିକୁ ଓଡିଶାବାସୀ କେବେ କ୍ଷମା ଦେବେ ନାହିଁ ଏବଂ ଉଚିତ ସମୟରେ ଏହାର ଠିକଣା ଜବାବ ଦେବେ ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି ଚେତାଇ ଦେଇଛନ୍ତି ।

ୟୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସରେ ସେବା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୦/୬ (ନି.ପ୍ର): ଏଆଇସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ଉପଲକ୍ଷେ ସମଗ୍ର ଦେଶରେ ସେବାର ଦିବସ ରୂପେ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ ୟୁବ କଂଗ୍ରେସ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଓ ବିଧାନସଭା ସ୍ତରରେ ରାସନ ସାମଗ୍ରୀ ବଂଟନ, ମେଡିକାଲରେ ଫଳ ବଂଟନ, ରନ୍ଧା ଖାଦ୍ୟ ବଂଟନ ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଏହି ପ୍ରରିପ୍ରେକ୍ଷୀରେ ପ୍ରଦେଶ ୟୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନରେ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଗରିବ ଅସହାୟ ପରିବାର ମାନଙ୍କୁ ଏକ ମାସର ରାସନ ସାମଗ୍ରୀ ବଂଟନ କରାଯାଇଛି । ଆଜି ପାଖାପାଖି ୫୦୦ ପ୍ୟାକେଟ ୟୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବଂଟନ କରାଯାଇଛି ।

ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ପାଳନ କରାଯାଇଥିଲା । ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ କଟକ ସ୍ଥିତ ଉର୍ମିଳା ନର୍ସିଂହୋମରେ ମାଗଣା କୋଭିଡ ଟୀକା ପ୍ରଦାନ କରାଯାଇଥିଲା । ଏହା ପରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ ଓ ଫଳ ବଂଟନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ରଞ୍ଜିତ ପାତ୍ର, ସ୍ୱାଗତ କର, ସଂକୁନା କହଁର, କୃଷ୍ଣଚନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରହ୍ମଗିରିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମାଙ୍କ ସମୀକ୍ଷା

ଭୁବନେଶ୍ୱର,୨୦/୬ (ନି.ପ୍ର): ଆଜି ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ନିର୍ମାଣାଧୀନ ସିପସରୁବାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଗ୍ରଗତି ସଂପର୍କରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା ସମୀକ୍ଷା କରିଛନ୍ତି । ୪ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ ଏହି ଆଦର୍ଶ ବିଦ୍ୟାଳୟର ପ୍ରଥମ ମହଲା ଚଳିତ ମାସ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ କରି ଚଳିତ ଶିକ୍ଷାବର୍ଷରେ ଯେଭଳି ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲୁଣାନଦୀ ଉପରେ ୮ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ନିଖିଳାଗୋବିନ୍ଦପୁର-ମାଝିପଡ଼ା ସେତୁର ବିଳମ୍ବକୁ ନେଇ ଯୋଜନାବୋର୍ଡ ଉପାଧ୍ୟକ୍ଷ ଶ୍ରୀ ଦାସବର୍ମା ଉଦ୍‌ବେଗ ପ୍ରକାଶ କରିବା ସହିତ ଏହି ସେତୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଦକ୍ଷିଣ କାଣିଆ ଉପରେ କୁଅପଦା ଠାରେ ନିର୍ମିତ ହେଉଥିବା ସେତୁ ଏବଂ ଭାର୍ଗବୀ ନଦୀ ଉପରେ ବାଲିକେରା ତିନିକୁଦିଠାରେ ନିର୍ମାଣାଧୀନ ସେତୁର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ବିଳମ୍ବିତ ହେଉଥିବାରୁ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (କୋଠାବାଡ଼ି ଓ ସେତୁ) ଶ୍ରୀ ପଂଚାନନ ମହାନ୍ତିଙ୍କୁ ତୁରନ୍ତ ନିର୍ମାଣାଧୀନ ସ୍ଥାନଗୁଡ଼ିକ ପରିଦର୍ଶନ କରି ବିଧିବଦ୍ଧ ନିଷ୍ପତି ନେବାକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପରାମର୍ଶ ଦେଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରମେଶ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୁରୀର ନିର୍ବାହୀ ଯନ୍ତ୍ରୀ ଶ୍ରୀ ରାମପ୍ରସାଦ ଆଚାର୍ଯ୍ୟ, ଶକ୍ତି ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରା, ପି.ଏଚ୍, ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଏବଂ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ମାସ୍କ, ସାନିଟାଇଜର ବଂଟନ

ଭୁବନେଶ୍ୱର,୨୦/୬ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଓ ଭୁବନେଶ୍ୱର ମହିଳା କଂଗ୍ରେସ ଆନୁକୂଲ୍ୟରେ ଭୁବନେଶ୍ୱରର ତିନୋଟି ନିର୍ବାଚନ ମଣ୍ଡଳୀରେ ମାସ୍କ, ସାନିଟାଇଜର, ସାନିଟାରୀ ନାପକିନ୍, ଶୁଖିଲା ଖାଦ୍ୟ ଓ ରାସନ ବଂଟନ ସହ ବୃକ୍ଷରୋପଣ କରାଯାଇଛି । କରୋନା ମହାମାରୀର ଦ୍ୱିତୀୟ ଲହର ପାଇଁ ରାହୁଲ ଗାନ୍ଧୀ ନିଜ ଜନ୍ମଦିନ ପାଳନ ନକରିବାକୁ ନିଷ୍ପତି ନେବା ସହ ସମଗ୍ର ଦେଶରେ କରୋନାକାଳରେ ପ୍ରଭାବିତ ଗରୀବ ଶ୍ରେଣୀୟ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ ଓ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ଆଜି ଉତର ନିର୍ବାଚନ ମଣ୍ଡଳୀରେ ଶତାଧିକ ମହିଳାଙ୍କୁ ମାସ୍କ, ସାନିଟାରୀ ନାପକିନ, ଶୁଖିଲା ଖାଦ୍ୟ ବଂଟନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଧ୍ୟମ ନିର୍ବାଚନ ମଣ୍ଡଳୀରେ ମୋହନ ଜେନା, ମିହିର ଆଚାର୍ଯ୍ୟ, ଓ ଜୟକୃଷ୍ଣ ସୁବିଦ୍ଧି ନିରାଶ୍ରୟ ମାନଙ୍କୁ ମାସ୍କ ବଂଟନ କରିଥିଲେ । ସେହିପରି ଏକାମ୍ର ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କ ଉପସ୍ଥିତିରେ କଂଗ୍ରେସ ନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର ଓ ସୁବ୍ରତ ମହାପାତ୍ର କରୋନା ପ୍ରଭାବିତଙ୍କୁ ମାସ୍କ, ସାନିଟାଇଜର ଓ ରାସନ ବଂଟନ କରିଥିଲେ ।

ବାସୋପଯୋଗୀ ରାଜଧାନୀ: ଭୁବନେଶ୍ୱର ଦେଶରେ ଚତୁର୍ଥ

ଲୋକେ ରହିବାକୁ ପସନ୍ଦ କରୁଛନ୍ତି, ଆର୍ଥିକ ଦକ୍ଷତା କିନ୍ତୁ କମ୍

ଭୁବନେଶ୍ୱର ,୨୦/୬ (ନି.ପ୍ର): ଦେଶର ଶ୍ରେଷ୍ଠ ୧୦ଟି ବାସୋପଯୋଗୀ ରାଜଧାନୀ ତାଲିକାରେ ସ୍ଥାନ ପାଇଛି ଭୁବନେଶ୍ୱର । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଣ୍ଟର ଫର୍ ସାଇନ୍‌ସ ଆଣ୍ଡ ଏନଭାଇରନ୍‌ମେଣ୍ଟ (ସିଏସ୍‌ଇ) ପକ୍ଷରୁ ହୋଇଥିବା ଏହି ସର୍ଭେରେ ଭୁବନେଶ୍ୱର ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଛି । ଦିଲ୍ଲୀ, ମୁମ୍ବାଇ ଭଳି ସହରକୁ ପଛରେ ପକାଇ ଭୁବନେଶ୍ୱର ତାଲିକାର ଉପରେ ରହିବା ଭୁବନେଶ୍ୱରବାସୀଙ୍କ ପାଇଁ ଖୁସି ଖବର । ସିଏସ୍‌ଇ ପକ୍ଷରୁ ହୋଇଥିବା ଏହି ସର୍ଭେରେ ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ଥିବାବେଳେ ଚେନ୍ନାଇ ଦ୍ୱିତୀୟ ଏବଂ ସିମ୍‌ଲା ତୃତୀୟ ସ୍ଥାନରେ ରହିଛି । ମୁମ୍ବାଇ ୫ମ ସ୍ଥାନରେ ଥିବାବେଳେ ଦିଲ୍ଲୀ ଷଷ୍ଠ, ଭୋପାଳ ସପ୍ତମ, ରାୟପୁର ଅଷ୍ଟମ, ଗାନ୍ଧୀନଗର ନବମ ଏବଂ ଜୟପୁର ଦଶମ ସ୍ଥାନରେ ରହିଛି । ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସ ବା ସୁବିଧାରେ ରହିବାର ସୂଚକାଙ୍କ ଅନୁଯାୟୀ ଏହି ରାଙ୍କ ପ୍ରସ୍ତୁତ ହୋଇଛି । ଏଥିପାଇଁ ରାଜଧାନୀରେ ଜୀବନଧାରଣର ମାନ, ଆର୍ଥିକ ଦକ୍ଷତା, ସ୍ଥାୟୀତ୍ୱ, ସହରବାସୀଙ୍କ ସହରକୁ ନେଇ ଧାରଣା ବା ମତାମତ ଉପରେ ମାର୍କ ଦିଆଯାଇଥିଲା । ପ୍ରତ୍ୟେକ ବର୍ଗ ପାଇଁ ୧୦୦ ମାର୍କ ଲେଖାଏଁ ଦିଆଯାଇଥିବାବେଳେ ଭୁବନେଶ୍ୱରକୁ ସହରବାସୀଙ୍କ ମତାମତ କ୍ଷେତ୍ରରେ ସବୁଠୁ ଅଧିକ ୯୪.୮ ମାର୍କ ମିଳିଥିଲା । ଯେଉଁଥିପାଇଁ ଭୁବନେଶ୍ୱର ବାକି ତିନିଟି କ୍ଷେତ୍ରରେ ଅପେକ୍ଷାକୃତ କମ୍ ମାର୍କ ପାଇଥିଲେ ବି ଚତୁର୍ଥ ସ୍ଥାନରେ ରହିପାରିଥିଲା । ଭୁବନେଶ୍ୱରରେ ଲୋକଙ୍କ ଜୀବନଶୈଳୀ, ଭିତ୍ତିଭୂମି, ଆର୍ଥିକ ଦକ୍ଷତା ଓ ସୁବିଧା ସୁଯୋଗ ଦୃଷ୍ଟିରୁ ଏତେଟା ଉନ୍ନତମାନର ହୋଇ ନ ଥିଲେ ବି ଲୋକଙ୍କୁ ରହିବାକୁ ଭଲ ଲାଗୁଥିବା ଏଥିରୁ ପ୍ରମାଣିତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଗତ ମାର୍ଚ୍ଚ ମାସରେ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସରେ ଭୁବନେଶ୍ୱର ୧୦ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହର ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିଲା । ସେତେବେଳେ ମଧ୍ୟ ରାଜଧାନୀବାସୀଙ୍କ ମତାମତ ଭୁବନେଶ୍ୱରକୁ ଏହି ସ୍ଥାନରେ ପହଞ୍ଚାଇଥିଲା ।

ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁରରେ ଆଜି ଜୁଆଙ୍ଗ ଘର ପରିଦର୍ଶନ

ଭୁବନେଶ୍ୱର,୨୦/୬ (ନି.ପ୍ର): ମହାମାରୀ କରୋନା ସଂକ୍ରମଣ ଭୟଙ୍କର ରୂପ ନେଇଛି । ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆରଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରହିଛି । ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ପ୍ରତି ରବିବାର ଦିନ ସଂଗ୍ରହାଳୟକୁ ବୁଲିବାର ବ୍ୟବସ୍ଥା କରାଯାଇଛି । ରବିବାର ଅର୍ଥାତ୍ ଜୁନ୍ ୨୦ ତାରିଖ ଦିନ ଦର୍ଶକମାନେ ଫେସବୁକ୍ ଓ ଟୁଇଟର ପେଜ୍ ଖୋଲି ଜୁଆଙ୍ଗ ଘର ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡଃ) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଜୁଆଙ୍ଗମାନେ ସାଧାରଣତଃ କେଉଁଝରର ପାର୍ବତ୍ୟ ଉପତ୍ୟକା ଓ ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ସମତଳ ଅଂଚଳରେ ବାସ କରିଥା'ନ୍ତି । କୃଷି, ପୋଡୁଚାଷ, ଶିକାର, ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ସେମାନଙ୍କର ମୁଖ୍ୟ ଜୀବିକା । ଝରକା ନଥିବା ଏକ ବଖରିଆ ଘରେ ଜୁଆଙ୍ଗମାନେ ବସବାସ କରନ୍ତି । ଏହି ଘର ମଧ୍ୟରେ କାଠର ଚଉତରା ଥାଏ । ସେଥିରେ ଶସ୍ୟ ସଂରକ୍ଷିତ ରଖାଯାଏ । କବାଟ ପାଖରେ ଏକ ମୋରଟାର ବା ହେମଦସ୍ତା ଆକୃତିର ପଥର ରଖାଯାଇଥାଏ । ଜୁଆଙ୍ଗ ଘର ଭିତରେ ଏକ ଚୁଲା ଥାଏ । ଜୁଆଙ୍ଗମାନଙ୍କ ଡରମିଟୋରି ବା ସୁପ୍ରଶସ୍ତ ବୈଠକ ଗୃହକୁ 'ମଣ୍ଡଘର' କୁହାଯାଏ । ଅବିବାହିତ ଯୁବକମାନେ 'ମଣ୍ଡଘର' ମଧ୍ୟରେ ରାତ୍ରିଯାପନ କରିଥା'ନ୍ତି । ଦିନବେଳା ଏହି 'ମଣ୍ଡଘର'ରେ ଗ୍ରାମର ସଭା ଅନୁଷ୍ଠିତ ହୋଇଥାଏ । ବର୍ଷସାରା ଏଠାରେ ଏକ କୋଣରେ ନିଆଁ ଜଳାଇ ରଖାଯାଇଥାଏ । 'ମଣ୍ଡଘର' ମଧ୍ୟରେ ଶସ୍ୟର ବିହନ କାଠରେ ତିଆରି ଏକ ଭାଡ଼ି ଉପରେ ରଖାଯାଇଥାଏ ।

୩ଟି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଚିଠି

କୋଭିଡ୍ ସଂକ୍ରମିତ ମୃତକଙ୍କ ସଂଖ୍ୟାର ଶ୍ୱେତପତ୍ର ପ୍ରକାଶ, ମୃତକଙ୍କ ପରିବାରକୁ ସହାୟତା ଦାବି ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାକୁ ତୁରନ୍ତ ଲାଗୁ କରନ୍ତୁ : ମୋହନ ମାଝୀ

ଭୁବନେଶ୍ୱର,୨୦/୬ (ନି.ପ୍ର): ଓଡ଼ିଶାରେ କରୋନା ସଂକ୍ରମିତ ମୃତ ବ୍ୟକ୍ତିଙ୍କ ପରିସଂଖ୍ୟାନର ବିଭ୍ରାନ୍ତିକର ଓ ଭୁଲ ତଥ୍ୟ ଯୋଗୁଁ ବାପା-ମାଆ ହରାଇଥିବା ଯୋଗ୍ୟ ଅନାଥ ଶିଶୁମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । କୋଭିଡ୍ ସଂକ୍ରମିତ ମୃତାହତଙ୍କ ସଠିକ୍ ତଥ୍ୟକୁ ଆଧାର କରି ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ଏଥି ସହ କରୋନା ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଏବଂ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସର

ଭାରତୀୟ ଆଇଟି ନିୟମ-୨୦୨୧ ସମ୍ପର୍କରେ ମାନବିକ ଅଧିକାର ପରିଷଦକୁ ଭାରତୀୟ ସ୍ଥାୟୀ ମିଶନର ସ୍ପଷ୍ଟୀକରଣ

■ ବରିଷ୍ଠ ଅଂଶୀଦାରଙ୍କ ସହ ଆଲୋଚନା ପରେ ଚୂଡାନ୍ତ ହୋଇଛି ଆଇଟି ନିୟମ

■ ସାମାଜିକ ଗଣମାଧ୍ୟମର ସାଧାରଣ ବ୍ୟବହାରକାରୀଙ୍କୁ ସଶକ୍ତ କରିବା ପାଇଁ ହୋଇଛି ଆଇଟି ନିୟମ

ଭୁବନେଶ୍ୱର,୨୦/୦୬(ନି.ପ୍ର): ଜାତିସଂଘର ଭାରତୀୟ ସ୍ଥାୟୀ ମିଶନ କାର୍ଯ୍ୟାଳୟ ଓ ଜେନିଭାସ୍ଥିତ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂଗଠନ, ମାନବ ଅଧିକାର ପରିଷଦ ଦ୍ୱାରା ଭାରତୀୟ ଆଇଟି ନିୟମ-୨୦୨୧ ଉଠାଯାଇଥିବା ଉଦ୍‌ବେଗ ସମ୍ପର୍କରେ ଉତ୍ତର ରଖିଛନ୍ତି । ସ୍ଥାୟୀ ମିଶନ ଦ୍ୱାରା ଦିଆଯାଇଥିବା ଉତ୍ତର ଅନୁସାରେ ପ୍ରଥମେ ସେମାନେ ମାନବାଧିକାର ସୁରକ୍ଷା ଯୋଗୁଁ ମାନବ ଅଧିକାର ପରିଷଦକୁ ଅଭିନନ୍ଦନ ଜଣାଇଛନ୍ତି । ମିଶନ ପକ୍ଷରୁ ଆହୁରି କୁହାଯାଇଛି ଯେ ଭାରତୀୟ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୨୦୧୮ ମସିହାରେ ବିଭିନ୍ନ ବ୍ୟକ୍ତି, ଶିଳ୍ପ ସଂଘ ଓ ସଂଗଠନଙ୍କ ସହ ଆଲୋଚନା ପରେ ନିୟମର ଚିଠା ପ୍ରସ୍ତୁତ କରିଛନ୍ତି । ପରେ ଆନ୍ତଃ ମନ୍ତ୍ରିମଣ୍ଡଳୀୟ ବୈଠକରେ ବିଭିନ୍ନ ଆଡୁ ମିଳିଥିବା ମନ୍ତବ୍ୟର ବିଶ୍ଳେଷଣ ପରେ ନିୟମ ଚୂଡାନ୍ତ ହୋଇଥିଲା । ସ୍ଥାୟୀ ମିଶନ ଆହୁରି କହିଛି ଯେ ଭାରତୀୟ ଗଣତାନ୍ତ୍ରିକ ମୂଲ୍ୟବୋଧ ବେଶ୍ ସ୍ୱୀକୃତି ଲାଭ କରିଛି । ଭାରତୀୟ ସମ୍ବିଧାନ ବାକ୍ ସ୍ୱାଧୀନତାର ଅଧିକାର ଗ୍ୟାରେଣ୍ଟି ଦେଇଥିବାବେଳେ ସ୍ୱାଧୀନ ନ୍ୟାୟପାଳିକା ଓ ବଳଶାଳୀ ଗଣମାଧ୍ୟମ ଭାରତୀୟ ଗଣତାନ୍ତ୍ରିକ ପରିପାଟୀର ଅଂଶବିଶେଷ । ଭାରତ ସରକାର ଆଇଟି ଆଇନ ୨୦୦୦ର ଧାରା ୮୭(୨) ବଳରେ ଏବଂ ଆଇଟି ନିୟମ ୨୦୧୧ ଅଧିକ୍ରମଣ କରି ଆଇଟି ମଧ୍ୟବର୍ତ୍ତୀକାଳୀନ ମାର୍ଗଦର୍ଶିକା ଏବଂ (ଡିଜିଟାଲ ଗଣମାଧ୍ୟମ ନିଜେ ସଂହିତା) ନିୟମ ୨୦୨୧ (ନୂତନ ଆଇଟି ନିୟମ) ପ୍ରସ୍ତୁତ କରି ୨୫ଫେବୃୟାରୀ ୨୦୨୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ ଓ ଏହା ମେ ୨୬, ୨୦୨୧ରୁ ଲାଗୁ ହୋଇଥିଲା । ଏହି ନିୟମ ସାମାଜିକ ଗଣମାଧ୍ୟମର ସାଧାରଣ ବ୍ୟବହାରକାରୀକୁ ସଶକ୍ତ କରିବା ସହ ଏଥିରେ କ୍ଷତିଗ୍ରସ୍ତ ବ୍ୟକ୍ତି ଅଭିଯୋଗର ମୀମାସାଂ ପାଇଁ ମଞ୍ଚ ପାଇବ । ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ପ୍ଲାଟଫର୍ମର ଅପବ୍ୟବହାର ମାମଲା ବୃଦ୍ଧି ପାଇଥିବାରୁ ଏହି ନିୟମ ପ୍ରବର୍ତନର ଆବଶ୍ୟକତା ଉପୁଜିଲା । ସେଗୁଡିକ ମଧ୍ୟରେ ଆତଙ୍କବାଦୀ ନିଯୁକ୍ତି, ଅଶ୍ଳୀଳ ଖବର ପ୍ରସାରଣ,ଆର୍ଥିକ ଠକେଇ, ହିଂସା ଉସୁକାଇବା ଇତ୍ୟାଦି ଅନ୍ତର୍ଭୁକ୍ତ । ସୁପ୍ରିମକୋର୍ଟଙ୍କ ଦୁଇଟି ମାମଲା ଯଥା ପ୍ରଦଓ୍ୱାଲା ମାମଲା ୨୦୧୮ ଓ ଫେସବୁକ ବନାମ ଭାରତ ସରକାର ୨୦୧୯ରେ ଭାରତ ସରକାରଙ୍କୁ ଶିଶୁ ଯୌନଚିତ୍ର ଓ ତତଜନିତ ବିଷୟ ଉପରେ ଆବଶ୍ୟକ ମାର୍ଗଦର୍ଶିକା ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦ୍ୱିତୀୟ ମାମଲାରେ ଏ ସମସ୍ତ ଆପତିଜନକ କାର୍ଯ୍ୟ ମୂଳରେ ଥିବା ବ୍ୟକ୍ତିଙ୍କୁ ନ୍ୟାୟ ପରିସରକୁ ଆଣିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଭାରତୀୟ ଆଇନ ପରିଧି ମଧ୍ୟରେ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଉପରେ ଆଙ୍କୁଶ ଲଗାଇବା ଉପରେ ମଧ୍ୟ ରାଜ୍ୟସଭାରେ ଦାବି କରାଯାଇଥିଲା । ନୂତନ ନିୟମରେ ଆପତି ଅଭିଯୋଗ ଶୁଣାଣି ପାଇଁ ଅଧିକାରୀଙ୍କ ନିଯୁକ୍ତି ବ୍ୟବସ୍ଥା ମଧ୍ୟ ରହିଛି । ସେ ଗ୍ରହଣ କରିଥିବା ଅଭିଯୋଗର ସବିଶେଷ ରିପୋର୍ଟ ସରକାରଙ୍କୁ ପ୍ରତି ମାସରେ ପ୍ରଦାନ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ଏଠାରେ ସୂଚନାଯୋଗ୍ୟ ଯେ ନୂତନ ଆଇଟି ନିୟମ କେବଳ ସୀମିତ ତଥ୍ୟ ମାଗିଥାଏ । କୌଣସି ଖବର ଯୋଗୁଁ ହିଂସା ବ୍ୟାପିବା, ଦେଶର ଏକତା ଓ ଅଖଣ୍ଡତା ଉପରେ ଆଞ୍ଚ ଆସିବା, ମହିଳାଙ୍କୁ ସର୍ବସାଧାରଣରେ ନିନ୍ଦିତ କରିବା ବା ଶିଶୁ ଯୌନ ଶୋଷଣ ଭଳି ଘଟଣାଗୁଡିକ ଯେତେବେଳେ ଅସମାଧିତ ରହେ ସେତେବେଳେ ସାମାଜିକ ଗଣମାଧ୍ୟମ ମଧ୍ୟସ୍ଥ କିଏ ଏପରି ଘଟଣାର ସୂତ୍ରଧର ତାହା ପ୍ରକାଶ କରିବ । ଏହି ନିୟମର ଅଧିକ ଅପବ୍ୟବହାର ହେବ ଓ ବିବାଦ ସମାଧାନ ନିମନ୍ତେ ଥିବା ମଂଚକୁ ପ୍ରଭାବିତ କରିବା ପାଇଁ ଅନେକ ଅଭିଯୋଗ ଆସିବ ଏଭଳି ଧାରଣା ମଧ୍ୟ ଅମୂଳକ ଅଭିଯୋଗ ଅତିରଞ୍ଜିତ ଓ ଏହି ଗଣମାଧ୍ୟମ ପ୍ଲାଟଫର୍ମ ବାଲାଙ୍କ ଇଚ୍ଛାଶକ୍ତି ଅଭାବ ଉପରେ ପର୍ଯ୍ୟବେସିତ । ଭାରତ ସରକାର ସମ୍ପୂର୍ଣ୍ଣଭାବେ ଗୋପନୀୟତା ଅଧିକାରକୁ ସମ୍ମାନ ଓ ସ୍ୱୀକୃତି ଦିଅନ୍ତି ଯାହା ମାନ୍ୟବର ସୁପ୍ରିମକୋର୍ଟ ମଧ୍ୟ କେ.ଏସ ପୁଟୁସ୍ୱାମୀ ମାମଲାରେ ରାୟ ଦେବା କାଳରେ ଉଲ୍ଲେଖ କରିଛନ୍ତି । ଗୋପନୀୟତା ପ୍ରତ୍ୟେକ ବ୍ୟକ୍ତିର ଅସ୍ତିତ୍ୱର ଏକ ମୁଖ୍ୟ ଉପାଦାନ ଓ ସେ ଦୃଷ୍ଟିରୁ ନୂତନ ଆଇଟି ନିୟମ କେବଳ ସେହି ଖବର ଉପରେ ତଥ୍ୟ ମାଗିବ ଯାହାର ପ୍ରଚାର ଓ ପ୍ରସାରଣ ଯୋଗୁଁ ଅପରାଧ ପ୍ରବଣତା ସୃଷ୍ଟି ହୋଇଛି । ଆଇଟି ଆଇନର ବୈଧାନିକ କ୍ଷମତା ପରିସର ମଧ୍ୟରେ ଆଇନ ତିଆରି ହୋଇଛି ଓ ଏଥିରେ ସମସ୍ତ ଦିଗର ସବିଶେଷ ବିଶ୍ଳେଷଣ କରାଯାଇଥିବା ଭାରତୀୟ ସ୍ଥାୟୀ ମିଶନ ମଧ୍ୟ ସ୍ପଷ୍ଟ କରିଛି ।

ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସରେ ମାସ୍କ, ସାନିଟାଇଜର ବଣ୍ଟନ

ବାରିପଦା,୨୦/୦୬ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବାରିପଦା ଟାଉନ କଂଗ୍ରେସ ତରଫରୁ ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କରୋନା ମହାମାରୀ ପାଇଁ ଶ୍ରୀ ଗାନ୍ଧୀ ନିଜ ଜନ୍ମ ଦିବସକୁ ପାଳନ କରିନାହାନ୍ତି । କିନ୍ତୁ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଟାଉନ ସଭାପତି ସାନ୍ତୁନୁ ପାଲଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣ ଗରିବ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ, ଶୁଖିଲା ଖାଦ୍ୟ ଏବଂ ଓଆରଏସ ବଣ୍ଟନ କରାଯାଇଥିଲା । ଏହା ସହିତ କାର୍ଯ୍ୟରତ ପୋଲିସ ଓ ରଘୁନାଥପୁର ସ୍ଥିତ ରୋଜ ମାନସିକ ଆବସିକ ବିଦ୍ୟାଳୟରେ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି, ଟାଉନ ସଭାପତିଙ୍କ ସହିତ ବରିଷ୍ଠ ନେତା ବିଜନ କୁମାର ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଇତିଶ୍ରୀ ମିଶ୍ର, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ବିଜୟ ସିଂ, ନାରାୟଣ ମହାପାତ୍ର, ଦୀପକ ଦାଶ, ମୋତି ପ୍ରକାଶ ଦାଶ, ଦେବେନ୍ଦ୍ର ସିଂ, ମହମ୍ମଦ ଓକିଲ, ହରିଶଙ୍କର ଦାସ, ରତନ ଶର୍ମା, ଅମୂଲ୍ୟ ଦାସ, କୌଶିକ ମିଶ୍ର, ଅଜଗର ଅଲ୍ଲୀ, ତାରକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ ବୋଲି ସହର ସଭାପତି ଶ୍ରୀ ପାଲ ସୂଚନା ଦେଇଛନ୍ତି ।

ଦିନକରେ ଚିହ୍ନଟ ୨୦୫ କରୋନା ସଂକ୍ରମିତ

ବାଲେଶ୍ୱର,୨୦/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୨୦୫ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଅଙ୍ଗାରଗଡିଆରୁ ୮ଜଣ, ମୋତିଗଞ୍ଜରୁ ୫, ଆଜିମାବାଦରୁ ୪, ଆଇଟିଆଇ ଛକରୁ ୩, ପୁରୁଣା ବାଲେଶ୍ୱରରୁ ୩, ସହଦେବଖଣ୍ଟାରୁ ୩, ଅରଡ଼ବଜାରରୁ ୨, ନେଳିଆବାଗରୁ ୨, ଦାମୋଦରପୁରରୁ ୨ ଓ ଗୋପାଳଗାଁରୁ ୨ଜଣଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ, ଫାୟାର ଷ୍ଟେସନ, ଭାସ୍କରଗଞ୍ଜ, ରାଣୀପାଟଣା, ଶୋଭାରମପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି । ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୩୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୫ଜଣ, ବାଲିଆପାଳରୁ ୧୬, ବସ୍ତାରୁ ୨୬, ଭୋଗରାଇରୁ ଜଣେ, ଜଳେଶ୍ୱରରୁ ୧୨, ନୀଳଗିରରୁ ୧୯, ଔପଦାରୁ ୨, ରେମୁଣାରୁ ୧୭, ସଦରରୁ ୨୬, ସିମୁଳିଆରୁ ୩୬ ଓ ସୋର ବ୍ଲକରୁ ଜଣେ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୦,୭୮୯ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୯୨ଜଣ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ମୋଟ ୨୭,୮୨୪ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଅନ୍ୟପକ୍ଷରେ ଏବେ ସକ୍ରିୟ ଥିବା ୨୮୩୫ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨୬୭୯ଜଣ ଗୃହ ସଙ୍ଗରୋଧରେ ଏବଂ ୧୫୬ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨୫ରେ ସ୍ଥିର ରହିଥିବା ଜଣାପଡ଼ିଛି ।

ଲାଇନ ମ୍ୟାନଙ୍କ ବିରୋଧରେ ଅଭିଯୋଗ କଲେ ଗ୍ରାମବାସୀ

ବାଲିଆପାଳ,୨୦/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଖପରାପଦା ଫିଡର ଅଧିନରେ ଥିବା ଶ୍ରୀରାମପୁର, କୁମ୍ଭାରୀ, ନିଖିରା ପଂଚାୟତର ଲାଇନମ୍ୟାନ ଅରୁଣ ପାତ୍ର ଲୋକଙ୍କୁ ଠିକରେ ସେବା ଯୋଗାଉନଥିବା ଅଭିଯୋଗ ହୋଇଛି । ଶ୍ରୀ ପାତ୍ରଙ୍କୁ କୌଣସି ଅସୁବିଧା ସମୟରେ ଫୋନ କଲେ ମଧ୍ୟ ସେ କାହାରି ଫୋନ ଉଠାଉନାହାନ୍ତି । ଲାଇନ ପାଇଁ ଲୋକେ ବହୁତ ଅସୁବିଧା ଭୋଗ କରୁଛନ୍ତି । ତୁରନ୍ତ ଏହି ଲାଇନମ୍ୟାନଙ୍କୁ ବଦଳାଇବା ସହ ତାଙ୍କ ବିରୋଧରେ ପଦକ୍ଷେପ ନେବା ଏବଂ ଲୋକମାନେ ଲାଇନ କିପରି ପାଇବେ ତାର ବ୍ୟବସ୍ଥା କରିବାକୁ ପୂର୍ବତନ ସଦସ୍ୟ ବିଦ୍ୟାଦର ଦେ, ସରପଂଚଙ୍କ ପ୍ରତିନିଧି ଦେବ କୁମାର ଦେ ସମେତ ବହୁ ଉପଭକ୍ତା ଦାବି କରିଛନ୍ତି ।

ଓଡିଶା ରାଜ୍ୟ ରିଟେଲରର୍ସ ଏସୋସିଏସନ୍ ପକ୍ଷରୁ ବକେୟା ପାରିଶ୍ରମିକ ପ୍ରଦାନ ଲାଗି ଦାବି

ଜଳେଶ୍ୱର ୨୦/୬ (ନିପ୍ର) : କରୋନା ମହାମାରୀ ସମୟରେ ରିଟେଲରମାନେ ଜୀବନକୁ ପାଣି ଛଡେଇ ପିଡିଏସ୍ ସାମଗ୍ରୀ ବଣ୍ଟନ କରୁଛନ୍ତି । ୨୦୨୦ ଏପ୍ରିଲ ଠାରୁ ନଭେମ୍ବର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଖାଉଟି ସାମଗ୍ରୀ ବଣ୍ଟନ କରିଥିଲେ ମଧ୍ୟ ଏ ବାବଦରେ ରିଟେଲରମାନେ ୮ ମାସ ଧରି ପାରିଶ୍ରମିକ ପାଇ ନାହାନ୍ତି । ଏହି କାର୍ଯ୍ୟ କରୁଥିବା ବେଳେ ବହୁ ରିଟେଲର କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ ସୁଦ୍ଧା ସରକାର କରୋନା ଯୋଦ୍ଧା ଘୋଷଣା କରିନାହାନ୍ତି କି, ସେମାନଙ୍କ ଲାଗି ଟିକାକରଣର ବ୍ୟବସ୍ଥା କରିନାହାନ୍ତି । ଏପରିକି ଇ-ପିଓଏସ୍ ମେସିନ୍ ବାବଦରେ ବକେୟା ପାଉଣା ପ୍ରଦାନ କରାଯାଇନାହିଁ । ତେଣୁ ଏହି ମହାବିପତ୍ତି ସମୟରେ ବକେୟା ପାରିଶ୍ରମିକ ପ୍ରଦାନ କରାଯିବା ସହିତ ମୃତ ପରିବାରକୁ ପୁନଃ ନିଯୁକ୍ତି ପ୍ରଦାନ କରାଯିବାକୁ ରିଟେଲର ମହାସଂଘର ରାଜ୍ୟ ସଭାପତି ନଗେନ୍ଦ୍ର ନାଥ ଜେନାଙ୍କ ସହିତ ବହୁ ରିଟେଲର ଦାବି କରିଛନ୍ତି ।

ସଦର ବିଜେପିର ସେବା ହିଁ ସଂଗଠନ କାର୍ଯ୍ୟକ୍ରମ

ଲକଡାଉନ ପ୍ରଭାବିତ ଜୋତା କାରିଗରଙ୍କୁ ରେସନ ସାମଗ୍ରୀ ବଣ୍ଟନ

ବାଲେଶ୍ୱର,୨୦/୦୬ (ନି.ପ୍ର): ଦିବଙ୍ଗତ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ପ୍ରଥମ ଶ୍ରାଦ୍ଧ ସପ୍ତାହ ଅବସରରେ ସଦର ବିଜେପି ପକ୍ଷରୁ ସେବା ହିଁ ସଂଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ସହରର ଜେଲ ରୋଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଲକଡାଉନ ପ୍ରଭାବିତ ଜୋତା କାରିଗର (ମୁଚି)ମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିତରଣ କରାଯାଇଥିଲା । ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଏହି ସାମଗ୍ରୀ ବଣ୍ଟନ କରିଥିଲେ । ମହମାରୀ କରୋନା ସମୟରେ ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସଦା ସର୍ବଦା ଲୋକଙ୍କ ସାଥିରେ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଲକଡାଉନ ଏବଂ ବାତ୍ୟାରେ ଜୀବିକା ହରାଇଥିବା ୪୦ରୁ ଊର୍ଦ୍ଧ୍ୱ ଜୋତା କାରିଗରଙ୍କୁ ରାସନ ସାମଗ୍ରୀ ବିତରଣ କରାଯାଇଥିବା ଯୁବନେତା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଓ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନ କ୍ରମେ ଆଗାମୀ ଦିନରେ ବି ଏହି ସେବା ହିଁ ସଂଗଠନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଆଶିଷ ଘୋଷ, ତରୁଣ ବର୍ଦ୍ଧନ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସର୍ବେଶ୍ୱର ପାତ୍ର, ଗଙ୍ଗାଧର ରାଉତ, ସତ୍ୟଜିତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ରକ୍ତଦାନ ଶିବିର : ୧୦୨ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୨୦/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସେବା ହିଁ ସଂଗଠନ ମନ୍ତ୍ରକୁ ଆଧାର କରି ଭାରତୀୟ ଜନତା ଯୁବମୋର୍ଚ୍ଚା ଜଳେଶ୍ୱର ଶାଖା ପକ୍ଷରୁ ଜଳେଶ୍ୱର ବ୍ଲକ ବଜାର କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ପୌର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଓ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ରାଜାଶ୍ରୀ ମହାନ୍ତି ମିଳିତଭାବେ ଉଦ୍‌ଘାଟନ କରି ରକ୍ତର ବିକଳ୍ପ ନ ଥିବା ସଂପର୍କରେ କହିଥିଲେ । ଥାନା ଆଇଆଇସି ପର୍ଶୁରାମ ସାହୁ ଓ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ଉପସ୍ଥିତ ରହି ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖା ଯାଉଥିବାରୁ ଏପରି ଅଧିକରୁ ଅଧିକ ରକ୍ତଦାନ ଶିବିରର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ବିଜେପି ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ ଓ ନଗର ଯୁବମୋଚ୍ଚା ସଭାପତି ରବିନ୍ଦ୍ର ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଜିଲା ରକ୍ତାଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ, ସୌମ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଅଂଜନ କୁମାର ଦାସ, ସଂଜିବ ପ୍ରଧାନ, ରାଜୀବ ଘୋଷ, ସୁଭ୍ରାଂଶୁ ମହାପାତ୍ର, ତନ୍ମୟ ଚାନ୍ଦ, ସୁମତୀ ରଣା, ରଂଜନ ପାତ୍ର, ସେକ୍ ସୁଲତାନ, ସେକ୍ ଏମାମି, ଦେବୁ ଦତ୍ତ, ଉତ୍ତମ ଘୋଷ, ବ୍ରଜକିଶୋର ଗିରି, ଶଂକର ଜେନା, ଅଶ୍ରୁମୋଚନ ଘୋଷ, ସନତ୍ ସାହୁ, ନନ୍ଦନ ଦତ୍ତ, ବିଶ୍ୱଜିତ୍ ସାହୁ, ଦେବବ୍ରତ ପାଣିଗ୍ରାହୀ, ମିଡିଆ କୋଡିନେଟର ସୁବ୍ରତ ଘୋଷ, ରଂଜିତ ଦାସ, ପଂକଜ ଚାନ୍ଦ, ରୁଦ୍ରନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଡାକ୍ତର ବିନୋଦ ପ୍ରଧାନ, ଦେବେନ୍ଦ୍ର ଘୋଷ, ବିନୋଦ ଘୋଷ, ରୁଚିକା ଖୁରାନା, କରୁଣା କର, ସବିତା ସେଜପଡା, ଲୋକନାଥ ଧର, ଲକ୍ଷ୍ମୀଧର ବାରିକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ସୁପ୍ରିମ କୋର୍ଟଙ୍କୁ କେନ୍ଦ୍ର ସରକାରଙ୍କ....

କହିରଖୁ କରୋନାରେ ମୃତ୍ୟୁବରଣ କରୁଥିବା ଲୋକଙ୍କୁ ସରକାର ପ୍ରାକୃତିକ ବିପର୍ଯ୍ୟୟ ଆଇନ ମୁତାବକ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦେବାକୁ ସୁପ୍ରିମକୋର୍ଟରେ ମାମଲା ଦାଖଲ ହୋଇଥିଲା । ଏହି ଯାଚିକା ରାଜ୍ୟସରକାର ମାନଙ୍କ ବିପର୍ଯ୍ୟୟ ପ୍ରବନ୍ଧନ ଅଧିନିମୟ ୨୦୦୫ ମୁତାବକ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବା ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ଅନୁରୋଧ କରାଯାଇଥିଲା । ଏନେଇ କୋର୍ଟକୁ କେନ୍ଦ୍ର ସରକାର କହିଛନ୍ତି କି ପ୍ରଥମରୁ କରୋନାର ମ୍ୟାନେଜମେଣ୍ଟ ନେଇ ରାଜ୍ୟ ସରକାରମାନେ ଆର୍ଥିକ ବୋଝ ସହୁଛନ୍ତି । ତେଣୁ ଏବେ ଯଦି ରାଜ୍ୟ ସରକାରମାନେ କରୋନା ସଂକ୍ରମଣରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦେବେ ତେବେ କରୋନା ମୁକାବିଲା କରିବାରେ ରାଜ୍ୟ ସରକାରମାନେ ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ପ୍

ବାଲେଶ୍ୱର ସୋମବାର, ୨୧ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଓଡିଶା ମୋ ପରିବାର ପକ୍ଷରୁ ୟାସ ପ୍ରଭାବିତଙ୍କୁ ପାଲ ବଣ୍ଟନ

ବାରିପଦା,୨୦/୦୬ (ନି.ପ୍ର): କିଛିଦିନ ତଳେ ତାଣ୍ଡବ ରଚିଥିବା ୟାସ ବାତ୍ୟା ପ୍ରଭାବରେ ଅନେକ ଲୋକଙ୍କ କ୍ଷୟ କ୍ଷତି ହୋଇଛି ଏବଂ ଅନେକ ଲୋକଙ୍କ ଚାଳ ଛପର ମଧ୍ୟ ଉଡି ଯାଇଛି । ବର୍ତ୍ତମାନ ବର୍ଷା ଋତୁର ଆଗମନ ହୋଇଛି ଏବଂ ଲଘୁଚାପର ପ୍ରଭାବ ମଧ୍ୟ ରହିଛି ଆଗକୁ ମଧ୍ୟ ବର୍ଷା ହେବ । ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରେ ମୟୁରଭଞ୍ଜ ରେ ମଧ୍ୟ ପାଲ ବଣ୍ଟନ କରୁଛନ୍ତି ଓଡିଶା ମୋ ପରିବାର ର କର୍ମୀ ମାନେ । ଗାଁଗାଁ ରେ ବୁଲି ଗ୍ରାମ ପଞ୍ଚାୟତ ସ୍ତରର କର୍ମୀମାନେ ୟାସ ପ୍ରଭାବରେ ଚାଳ ଛପର ଉଡି ଯାଇଥିବା ଲୋକଙ୍କ ପାଖରେ ପହଂଚି ପାଲ ବଣ୍ଟନ କରୁଛନ୍ତି । ଆଜି ଏହି ପାଲ ବଣ୍ଟନ କାର୍ଯ୍ୟକ୍ରମ ରରୁଆଁ ବ୍ଲକର ଅଙ୍ଗାରପଦା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । କଥାରେ ଅଛି ଭାସି ଯାଉଥିବା ଲୋକ କୁଟା ଖିଅକୁ ଆଶ୍ରା କରିଥାଏ । ଯାହାକୁ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ଦଳ ସଠିକ ଭାବରେ ହୃଦୟଗମ କରିଛନ୍ତି । ସେଥିପାଇଁ ଠିକ ସମୟରେ ସହଯୋଗ ର ହାତ ବଢ଼େଇଛି ଓଡିଶା ମୋ ପରିବାର । ବର୍ତ୍ତମାନର ଭୟାନକ ପରିସ୍ଥିତିରେ କରୋନା ଲୋକଙ୍କ ରୋଜଗାର ଛଡାଇ ନେଇଛି । ଠିକ ସେତିକି ବେଳେ ୟାସ ପ୍ରଭାବରେ ବସଗୃହ ହରାଇ ଅସହାୟ ଅବସ୍ଥାରେ ଥିବା ଲୋକଙ୍କ ପାଇଁ ଏହି ପାଲହିଁ ସାଜିଛି ସାହାରା । ଠିକ ସମୟରେ ପାଲ ଟିଏ ପାଇ ସରକାରଙ୍କୁ ଧନ୍ୟବାଦ ଦେବା ପାଇଁ ଲୋକେ ପଛାଉ ନାହାନ୍ତି । ତେବେ ବିରୋଧି ଦଳ ପକ୍ଷରୁ ରାଜ୍ୟ ସରକାର ଗରୀବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାରେ ଫେଲ ମାରିଥିବାରୁ ଆଜି ଏଭଳି ପରିସ୍ଥିତି ଉପୁଜି ଥିବାର ଅଭିଯୋଗ ବାଢୁଥିବା ବେଳେ, ଶାସକ ଦଳର ଏଭଳି କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି ରରୁଆଁ ବ୍ଲକ ଅନ୍ତର୍ଗତ ଅଙ୍ଗାରପଦା ଗ୍ରାମପଂଚାୟତର ଗୀତା ପୂର୍ତ୍ତି, ହରିନାଥ ବିରୁଆ ଭଳି ଅନେକ ହିତାଧିକାରୀ । ଏହି ପାଲ ବଣ୍ଟନ କାର୍ଯ୍ୟ କ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଲକ ବିହାରି ନାୟକ, ବ୍ଲକ ସଭାପତି ଅମରେଶ ଭଞ୍ଜଦେଓ, ପଂଚାୟତ ସଭାପତି କାଳିପଦ ମହାନ୍ତ , କର୍ମୀ ହର୍ଷମଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ମୁଖ୍ୟ ଚିକିତ୍ସାଳୟରେ ଇକମୋ ମେସିନ ପ୍ରତିଷ୍ଠା ଦାବି

କେନ୍ଦ୍ରମନ୍ତ୍ରୀଙ୍କୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସ୍ମାରକପତ୍ର

ବାଲେଶ୍ୱର,୨୦/୦୬ (ନି.ପ୍ର): ଫକୀର ମୋହନ ମେଡିକାଲ କଲେଜ ହସପିଟାଲକୁ ଇକମୋ ମେସିନ ଯୋଗାଇଦେବାକୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଅନୁରୋଧ କରାଯାଇଛି। ରବିବାର ପୂର୍ବାହ୍ଣରେ କମିଟିର କର୍ମକର୍ତ୍ତାମାନେ ଶ୍ରୀ ଷଡ଼ଙ୍ଗୀଙ୍କୁ ସାକ୍ଷାତ ସହ କରୋନା ଆକ୍ରାନ୍ତ ଗୁରୁତର ରୋଗୀମାନଙ୍କୁ ଇକମୋ ଦ୍ୱାରା ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦେବାକୁ ନିବେଦନ କରିଥିଲେ। ବାଲେଶ୍ୱରରେ କେନ୍ଦ୍ର ସରକାର ଏହି ମେସିନ ପ୍ରତିଷ୍ଠା ପାଇଁ ନିବେଦନ କରିଥିଲେ। କରୋନାର ୩ୟ ଲହର ଆସନ୍ତା ୫ ସପ୍ତାହରେ ଆସିବାର ଆଶଙ୍କା ପ୍ରକାଶ ପାଉଥିବାରୁ ଇତିମଧ୍ୟରେ ଇକମୋ ମେସିନ ବାଲେଶ୍ୱରରେ ପ୍ରତିଷ୍ଠା କରାଯାଇ ପାରିଲେ ଅନେକ ଗୁରୁତର ଆକ୍ରାନ୍ତଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇ ପାରିବ ବୋଲି ପ୍ରତିନିଧିମାନେ ଲିଖିତ ଭାବେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ଆବେଦନ ପ୍ରତି ସୁବିଚାର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜନସଂପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ସୀତାରାମ ପ୍ରଧାନ ଓ ବିଜେପିର ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବିଜେପି ନେତା ସୁବାସ ଗନ୍ତାୟତଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୨୦/୦୬ (ନି.ପ୍ର): ବିଜେପି ନେତା ସୁବାଷ ଗନ୍ତାୟତଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଆମ ଦଳର ବରିଷ୍ଠ ନେତା ସୁବାଷ ଚନ୍ଦ୍ର ଗନ୍ତାୟତଙ୍କ୍ୱିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ । ଏବିଭିପିରୁ ତାଙ୍କ ସହ ମୋର ସମ୍ପର୍କ ବହୁତ ନିବିଡ ଥିଲା । ଅତ୍ୟନ୍ତ ସ୍ନେହୀ, ଅମାୟିକ, ସରଳ ସ୍ୱଭାବର ସୁବାଷ ଭାଇଙ୍କ ବିୟୋଗ ମୋ ପାଇଁ ତଥା ଆମ ଦଳ ପାଇଁ ବିଶେଷ କ୍ଷତି । ତାଙ୍କ ସହ ବିତାଇ ଥିବା ଅଭୁଲା ସ୍ମୃତି ଚିର ସ୍ମରଣୀୟ ହୋଇ ରହିବ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି । ଓଁ ଶାନ୍ତି ।

ଭଙ୍ଗା ଦଦରା ଖୁଣ୍ଟିରେ ୩ଫୁଟ ଉଚ୍ଚରେ ବିଦ୍ୟୁତ ସରବରାହ

ଆସନ୍ନ ଅଘଟଣକୁ ନିମନ୍ତ୍ରଣ କରୁଛି ବିଦ୍ୟୁତ ବିଭାଗ

ବାରିପଦା / ବଡସାହି,୨୦/୦୬ (ନି.ପ୍ର): ବିଭିନ୍ନ ସମୟରେ ବିଦ୍ୟୁତ ବିଭାଗର ଅବହେଳା ପାଇଁ ବହୁ ଧନ ଜୀବନ ନଷ୍ଟ ହେଉଥିଲେ ମଧ୍ୟ ଚେତୁନି ବିଭାଗ । କମ୍ପାନୀ ବଦଳୁଛି, ଅଫିସର ବଦଳୁ ଛନ୍ତି ହେଲେ ବଦଳୁନି ବ୍ୟବସ୍ଥା । କୋଉଠି ଭଙ୍ଗା ଖୁଣ୍ଟିରେ କେଉଁଠି ହାତ ପାହାନ୍ତାରେ ହେଉଛି ବିଦ୍ୟୁତ ସରବରାହ । ଏଥିପାଇଁ ଅନେକ ସମୟରେ ନିରିହ ପଶୁ ପକ୍ଷୀ ଓ ମଣିଷଙ୍କର ଜୀବନ ଯାଉଛି । ତଥାପି ଚେତୁନି ବିଦ୍ୟୁତ ବିଭାଗ । ଅନେକ ସମୟରେ ହାତିଚଳା ପଥରେ ବିଦ୍ୟୁତ ତାର ସଂପର୍ଷରେ ଆସି ଗଜରାଜ ଙ୍କର ଜୀବନ ଶଂକଟରେ ପଡୁଛି । ତେବେ ଏଭଳି ଏକ ଅଭାବନୀୟ ଘଟଣା ଦେଖା ଯାଇଛି ବଡସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀ ବିଦ୍ୟୁତ ସବଷ୍ଟେସନ ଅନ୍ତର୍ଗତ ସିକିଡିଆ ଗ୍ରାମରେ । ଏହି ଗ୍ରାମର ବିଲବାଦୀ ଦେଇ ଯାଇଥିବା ବିଦ୍ୟୁତ ସପ୍ଲାଇ ଲାଇନ ବିଦଜନକ ଅବସ୍ଥାରେ ଦୀର୍ଘଦିନ ଧରି ଚାଲୁ ରହିଥିଲେ ମଧ୍ୟ ଗ୍ରାମବାସୀଙ୍କର ବାରମ୍ବାର ଅଭିଯୋଗ ପରେବି ବିଭାଗର ଆଖି ଖୋଲୁନି । ସତରେ ଯେମିତି ଆସନ୍ନ ଅଘଟଣକୁ ଚାହିଁ ବସିଛି ବିଭାଗ । ବିଦ୍ୟୁତ ସରବରାହ ହେଉଥିବା ବିଦ୍ୟୁତ ଖୁଂଟି ଟି ସମ୍ପୂର୍ଣ ଭାଙ୍ଗି ଯାଇଥିବା ବେଳେ ମାଟିଠୁ ମାତ୍ର ତିନିଫୁଟ ଉଚ୍ଚରେ ଝୁଲୁଛି ବିଦ୍ୟୁତ ତାର । ବର୍ତ୍ତମାନ ବର୍ଷାଦିନ ଆସିଗଲାଣି ଚାଷବାସ ବେଉଷଣ ସମୟ । ଉକ୍ତ ଝୁଲିରହିଥିବା ବିଦ୍ୟୁତ ତାର ତଳଦେଇ ବିପଦ ଶଂକୁଳ ଅବସ୍ଥାରେ ଗାଇ ଗୋରୁ ଓ ଲୋକେ ଚଳପ୍ରଚଳ କରୁଛନ୍ତି । ସରକାର ଉତ୍ତମ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ବିଦ୍ୟୁତ ଶୁଳ୍କ ବୃଦ୍ଧି କରିବା ସହିତ ଟାଟା ପାୱାର ନରଦାନ ଓଡିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀକୁ ପରିଚାଳନା ଦାୟୀତ୍ୱ ଦେଇଛନ୍ତି । କିନ୍ତୁ ଯଥା ପୂର୍ବଂ ତଥା ପରଂ । ଅଘୋଷିତ ଭାବରେ ବାରମ୍ବାର ବିଦ୍ୟୁତ କାଟରେ ଲୋକେ ଅତିଷ୍ଠ ହୋଇ ପଡୁଥିବା ବେଳେ, ଭିତ୍ତିଭୂମୀ ବା ବ୍ୟବସ୍ଥାରେ ମଧ୍ୟଚୟ କୌଣଷି ସୁଧାର ଆସୁ ନଥିବାର ଦେଖା ଯାଉଛି । ବିଭିନ୍ନ ସମୟରେ ଉପଭୋକ୍ତା ସଂଘ ତଥା ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଉଥିଲେ ମଧ୍ୟ କୌଣଷି ସୁଫଳ ମିଳୁ ନାହିଁ । ଏଣୁ ତୁରନ୍ତ ଏହି ଭାଙ୍ଗି ଯାଇଥିବା ବିଦ୍ୟୁତ ଖୁଂଟି ବଦଳ କରିବା ସହିତ ସୁବ୍ୟବସ୍ଥିତ ଭାବରେ ବିଦ୍ୟୁତ ଯୋଗାଣ କରାଯିବାକୁ ସ୍ଥାନୀୟ ଅଂଚଳରେ ଦାବୀ ହେଉଛି । ତେବେ ଏବାବଦରେ ବିଦ୍ୟୁତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ହରିଶ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ ୧୮ ତାରିଖ ଦିନ କାର୍ଯ୍ୟରେ ନୂତନ କରି ଯୋଗ ଦେଇ ଥିବାରୁ ଅଭିଯୋଗ ବା ଘଟଣା ବିଷୟରେ ଜାଣି ନାହାନ୍ତି । ଘଟଣା ବିଷୟରେ ଆମ ପ୍ରତିନିଧିଙ୍କ ଠାରୁ ଅବଗତ ହେଲା ପରେ ତୁରନ୍ତ ମରାମତି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ରାସ୍ତା ଅବସ୍ଥା ଶୋଚନୀୟ : ପୁନଃ ଉଦ୍ଧାର ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ଭଏସ ଅଫ ବାଲେଶ୍ୱର

ବାଲିଆପାଳ,୨୦/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଆମ୍ବଚୁଆଠାରୁ ଡଗରା ନୂଆ ହାଟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଦୀର୍ଘ ଦିନ ହେଲା ମରାମତି ଅଭାବରୁ ମରଣଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତା ଉପରେ ୧ ହଜାରୁ ଅଧିକ ବାସିନ୍ଦା ନିର୍ଭର କରନ୍ତି । ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱରେ ଥିବା ଏହି ରାସ୍ତା ମରାମତି ସଂପର୍କରେ ବହୁବାର ଦରଖାସ୍ତ ଦେଲେ ମଧ୍ୟ ପ୍ରଶାସନ ଏହାକୁ ହେୟ ମନ କରୁଛନ୍ତି । ବାତ୍ୟା ୟାସ ରେ ଏହି ରାସ୍ତାଟି ବୁଡିଯାଇଥିବାରୁ ଏବେ ଏହି ରାସ୍ତାର ଅବସ୍ଥା ବେହାଲ ହୋଇଯାଇଛି । ସାଧାରଣ ଲୋକଟିଏ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଆଜି ଭଏସ ଅଫ ବାଲେଶ୍ୱର ସଂଗଠନର ଜିଲା ସଭାପତି ଅରଜିତ ଘୋଷ, କାର୍ଯ୍ୟକାରୀ ସଭାପତି ଅଭିଷେକ ବେହେରା, ବସ୍ତା ନିର୍ବାଚନୀ ମଣ୍ଡଳୀ ସଭାପତି ତୀର୍ଥକୁମାର ନାଗ, ଜଗନ୍ନାଥ ମହାପାତ୍ର, ବଳରାମ ଜେନା, ରମେଶ ଖଟୁଆ, ପପୁ ଦାସ, ଭୀମଚରଣ ଦାସ, ମନୋଜ ଦତ ପ୍ରମୁଖ ଏହି ରାସ୍ତାକୁ ଅନୁଧ୍ୟାନ କରିବା ସହ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି । ଆଗାମୀ ଦିନରେ ଏହି ରାସ୍ତାର ପୁର୍ନରୁଦ୍ଧାର କରାନ ଗଲେ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆାଯାଇଛି ।

ବିଶ୍ୱ ବନ୍ଧୁ ସେବା ମନ୍ଦିର ଶିରାକୁଳିର ୪୪ତମ ପ୍ରତିଷ୍ଠା ଦିବସ

ବାରିପଦା / ଯଶିପୁର, ୨୦/୦୬ (ନି.ପ୍ର): ମୟୂରଭଞ୍ଜ ଭୂମିପୁତ୍ର ସେବକଶ୍ରୀ କଂଗ୍ରେସ ଭାଇଙ୍କ ଦ୍ୱାରା ଯଶିପୁର ଶିରାକୁଳି ଠାରେ ପ୍ରତିଷ୍ଠିତ ହୋଇ ଥିବା ବିଶ୍ୱ ବନ୍ଧୁ ସେବା ମନ୍ଦିର ପରିସର ରେ ଏହାର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇ ଅଛି । ମାନବ ସମାଜ ର ନୈତିକ ବିକାଶ ଓ ଗରିବ ଦୁଃସ୍ଥ ମେଧାବୀ ବିଦ୍ୟାର୍ଥୀ ଙ୍କ ବିକାଶ ଲକ୍ଷ୍ୟ ନେଇ କଂଗ୍ରେସ ଭାଇ ଏହି ସେବା ମନ୍ଦିର କୁ ୧୯ ଜୁନ୍ ୧୯୭୮ ମସିହା ରେ ପ୍ରତିଷ୍ଠା କରି ଥିଲେ । ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ବିଶ୍ୱନାଥ ମହାନ୍ତ ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇ ଥିବା ଏହି ସଭାରେ ଶିରାକୁଳି ଡାକ ଘରର ବରିଷ୍ଠ ଅଧିକାରୀ ଲୋମ୍ବଦର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ବିନୋବା ଜେପି ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶ୍ରୀ ଅମର ନାଥ ମହାନ୍ତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୂଜ୍ୟ ଶ୍ରୀ କଂଗଚରେସ ଭାଇଙ୍କ ସେବା ଜୀବନୀ ଉପରେ ଆଲୋକପାତ କରି ଥିଲେ । ସଭା ଶେଷରେ ବିଶ୍ୱ ବନ୍ଧୁ ସେବା ମନ୍ଦିରର ସମ୍ପାଦକ ଶ୍ରୀ କପିଳ ନାଏକ ଗରିବ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରି ଥିଲେ । ସଭା ରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ନାଏକ , ବିଦ୍ୟାଧର ନାଏକ, ସତ୍ୟବତୀ ନାଏକ , ହୀରାଲାଲ ନାଏକ, ଧର୍ମେନ୍ଦ୍ର ନାଏକ ଓ ବିଶ୍ୱ ବନ୍ଧୁ ସେବା ମନ୍ଦିର ର ଅନ୍ତେବାସୀ ମାନେ ଯୋଗ ଦେଇ ଥିଲେ । ବିଶ୍ୱ ବନ୍ଧୁ ସେବା ଟ୍ରଷ୍ଟ, କରଞ୍ଜିଆର ଯୁବ ସଦସ୍ୟ ସିବୁନ୍ କୁମାର ନାଏକ ସଭା ଶେଷରେ ଧନ୍ୟବାଦ ଅର୍ପଣ କରି ଥିଲେ ।

ବିଦ୍ୟୁତ ସଂସ୍ପର୍ଶରେ ଆସି ଟାଟା ପାୱାରର ଜୁନିୟର ଟେକ୍ନିସିଆନ ମୃତ

ବାଲେଶ୍ୱର,୨୦/୦୬ (ନି.ପ୍ର): ବିଦ୍ୟୁତ ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ଦୁର୍ଘଟଣା ଘଟି ଟାଟା ପାୱାରର ଜନୈକ ଜୁନିୟର ଟେକ୍ନିସିଆନଙ୍କର ରବିବାର ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବରଣ କରିଥିବା କର୍ମଚାରୀ ଜଣକ ହେଲେ ମଠସାହି ସେକ୍ସନର କାର୍ଯ୍ୟରତ ଜୁନିୟର ଟେକ୍ନିସିଆନ ଜିତେନ୍ଦ୍ର ମୋହନ ସିଂ(୩୬)। ସେ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ସମୟରେ ହଦେବଖୁଣ୍ଟା ପ୍ରଗତି ନଗରରର ଏକ ବିଦ୍ୟୁତ ଖୁଣ୍ଟରେ ଚଢ଼ି ମରାମତି କାମ ଚଳାଇଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଖସିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ବି ଡାକ୍ତର ଜିତେନ୍ଦ୍ରଙ୍କୁ ମୃତ ଘୋଷଣା କରିଛନ୍ତି। ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା 'ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଅଭିଯୋଗ ଉଠିଛି। ଲାଇନମ୍ୟାନ-୪ର କାର୍ଯ୍ୟକୁ ଜବରଦସ୍ତ ଜୁନିୟର ଟେକ୍ନିସିଆନ ଉପରେ ଲଦିଦେବା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଇଛି। ଜିତେନ୍ଦ୍ର ମୋହନଙ୍କ ମୃତ୍ୟୁକୁ ନେଇ ଟାଟା ପାୱାରକୁ ଦାୟୀ କରାଯାଇଛି।

କରୋନାରୁ ସୁସ୍ଥ ହେଲେ ଆଉ ୫୦୮୨ ଆକ୍ରାନ୍ତ

ଭୁବନେଶ୍ୱର,୨୦/୦୬(ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୫୦୮୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ଆକ୍ରାନ୍ତଙ୍କ ସଂଖ୍ୟା ୮ ଲକ୍ଷ ୪୦ ହଜାର ୨୧୪ରେ ପହଂଚିଛ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୫୪ ଜଣ ଓ କଟକ ଜିଲ୍ଲାରୁ ୪୭୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବାଲେଶ୍ୱରରୁ ୩୯୨, ମୟୂରଭଂଜରୁ ୨୮୭, ଯାଜପୁରରୁ ୨୬୭, ଅନୁଗୁଳରୁ ୨୫୧, ସୁନ୍ଦରଗଡ଼ରୁ ୨୪୮, ଭଦ୍ରକରୁ ୨୪୪ ଓ ପୁରୀରୁ ୨୩୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ତପୁ ମିଶ୍ରଙ୍କ ବିୟୋଗରେ ଶୋକ

ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ପରଲୋକରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ନିଜ ସୁଲଳିତ କଣ୍ଠସ୍ୱର ପାଇଁ ସେ ସମସ୍ତ ଓଡ଼ିଆ ସଂଗୀତପ୍ରେମୀଙ୍କ ନିକଟରେ ସର୍ବଦା ସ୍ମରଣୀୟ ରହିବେ ବୋଲି ରାଜ୍ୟପାଳ କହିଛନ୍ତି। ଓଁ ଶାନ୍ତି।

- ପ୍ରଫେସର ଗଣେଶୀଲାଲ (ରାଜ୍ୟପାଳ), ଓଡ଼ିଶା

ଭୁବନେଶ୍ୱର, ୨୦ ଜୁନ - ତପୁ ମିଶ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି ।
ସେ ଟ୍ୱିଟ କରି କହିଛନ୍ତି ଯେ - ଲୋକପ୍ରିୟ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଆ ସଙ୍ଗୀତ ଜଗତରେ ସେ ସ୍ଥାପନ କରିଥିବା କୀର୍ତ୍ତି ସର୍ବଦା ତାଙ୍କୁ ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

- ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ (ମୁଖ୍ୟମନ୍ତ୍ରୀ), ଓଡ଼ିଶା

ତପୁ ମିଶ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ନିଜର ସୁମଧୁର ସ୍ୱର ମାଧ୍ୟମରେ ଖୁବ କମ ସମୟରେ ଓଡ଼ିଆଙ୍କ ଘରେ ଘରେ ପରିଚିତ ହୋଇପାରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତ ଜଣେ ପ୍ରତିଭାସମ୍ପନ୍ନ ଗାୟିକାଙ୍କୁ ହରାଇଲା । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି । ଓଁ ଶାନ୍ତି ।

- ଧର୍ମେନ୍ଦ୍ର ପ୍ରଧାନ (କେନ୍ଦ୍ର ମନ୍ତ୍ରୀ)

ଛାତ ଭୁଶୁଡି ଉଠା ଦୋକାନୀ ମୃତ

ଜଳେଶ୍ୱର ୨୦/୬ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ୧ ନଂ ୱାର୍ଡ ଝାଡେଶ୍ୱରପୁର ସ୍କୁଲ ସାମ୍ନା ଏକ ପାଉଁରୁଟି ଦୋକାନର ଛାତ ଭୁସୁଡି ପଡିବା ଫଳରେ ଘର ସମ୍ମୁଖରେ ଛିଡା ହୋଇଥିବା ଜଣେ ଉଠାଦୋକାନୀ ଗୁରୁତର ହେବା ସହିତ ଘରମାଲିକ ସେକ୍ ଆଲ୍ଲାଉଦ୍ଦିନ(୬୫) ମଧ୍ୟ ଆହତ